# କେନ୍ଦ୍ରାପଡ଼ାର ଗୋଟିଏ ଉତ୍ପାଦ ପାଇଁ ଆହ୍ୱାନ

- ଅର୍ଥକରୀ ଫସଲ ହିଁ ଚାଷୀଙ୍କୁ ସ୍ୱାବଲମ୍ବୀ କରିବ
- ଭିତ୍ତିଭୂମି ସୁଦୃଢ଼କରି ୫ ବର୍ଷିଆ ଯୋଜନା ହେଉ
- ପରମ୍ପରାଗତ କୃଷି ବିକାଶ ଯୋଜନାରେ ସାମିଲ ହୋଇନି

କେନ୍ଦ୍ରାପଡ଼ା, ୨୩।୧ (ଜଗନ୍ନାଥ ଧଳ)

ପ୍ରତି ଜିଲାରେ ଗୋଟିଏ କୃଷି ଉତ୍ପାଦକୁ ଗୁରୁତ୍ୱ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଜନା କରାଯାଇଛି। ପାରମ୍ପରିକ କୃଷିକୁ ପ୍ରାଧାନ୍ୟ ଦେବା ସହ ଅର୍ଥକରୀ ଫସଲ ପାଇଁ ୫ ବର୍ଷିଆ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିବ। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଏ ନେଇ ଭିତ୍ତିଭୂମି ସୁଦୃଢ଼ୀକରଣକୁ କୌଣସି ତତ୍ପରତା ଜିଲା ପ୍ରଶାସନିକ ସ୍ତରରେ ଦେଖାଯାଉନାହିଁ।

ଏ ସମ୍ପର୍କରେ ଜିଲା ଜନ ଅଧିକାର ମଞ୍ଚର ସଭାପତି ଭୂବନ ମୋହନ ଜେନା, ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହେରା, କ୍ଷୀତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା କୃଷି ଅର୍ଥନୈତିକ ଭିତ୍ତିକ। ମାତ୍ର କୃଷି ଉତ୍ପାଦନ ବୃଦ୍ଧି ପାଇଁ ପ୍ରଶାସନିକ ପରିଚାଳନାରେ ଘୋର ଅଭାବ ଦେଖାଦେଇଛି। ଜିଲାର ଅଧିବାସୀଙ୍କୁ ବାହାର ଜିଲା ଓ ରାଜ୍ୟର କୃଷି ଉତ୍ପାଦକୁ ଅପେକ୍ଷା କରିବାକୁ ପଡୁଛି। ସରକାରୀ ଅସହଯୋଗ ଯୋଗୁ କୃଷକଙ୍କ ମେକ୍ ଇନ୍ ରୁରାଲ କେନ୍ଦ୍ରାପଡ଼ାର ସ୍ୱପ୍ନ ପୂରଣ ହୋଇପାରୁନାହିଁ। ୨୦୧୫ ମସିହାରୁ ପରମ୍ପରାଗତ କୃଷି ବିକାଶ ଯୋଜନା କେନ୍ଦ୍ର ସରକାର ଆରମ୍ଭ କରିଥିବା ବେଳେ ଏହି ଜିଲାକୁ ଅଦ୍ୟାବଧି ସାମିଲ କରାଯାଇ ପାରିନାହିଁ। ପର୍ଯ୍ୟାପ୍ତ ଚାଷ ଜମି, ମାନବ ସମ୍ବଳ ସତ୍ତ୍ୱେ କୃଷି ଏବେ ସନ୍ତୋଷଜନକ ଉପାର୍ଜନ ଦେଇପାରୁନାହିଁ। କୃଷି ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରି ସାମୂହିକ ଫସଲ ପାଇଁ ୫ ବର୍ଷିଅ । ଖସଡ଼ା ପ୍ରସ୍ତୁତ ହୋଇପାରିଲେ ଚାଷୀ ସ୍ୱାବଲମ୍ବୀ ହେବେ। ମେକ୍ ଇନ୍ ଇଣ୍ଡିଆ, ମେକ୍ ଇନ୍ ଓଡ଼ିଶା ପରି ଜିଲା ଅର୍ଥନୀତିକୁ ସୁଦୃଢ଼ ପାଇଁ କୃଷି କ୍ଷେତ୍ରରେ ମେକ୍ ଇନ୍ ରୁରାଲ କେନ୍ଦ୍ରାପଡ଼ା ଆହ୍ୱାନ କାର୍ଯ୍ୟକାରୀ ହେବା କଥା। ଅଦ୍ୟାବଧି ସ୍ଥାନୀୟ ରାଜନେତା ଓ ପ୍ରଶାସକ ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ସାମ୍ପ୍ରତିକ ସମୟରେ ଜୈବିକ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢୁଛି। କେନ୍ଦ୍ର ସରକାର ମଧ୍ୟ ଗତ ୨୦୧୫ ମସିହାରେ ଜୈବିକ ଚାଷକୁ ଗୁରୁତ୍ୱ ଦେଇ ନ୍ୟାଶନାଲ ମିଶନ ଅନ୍ ସଷ୍ଟେନେବୁଲ ଏଗ୍ରିକଲଚର (ଏନ୍ଏମ୍ଏସ୍ଏ) ଅଧୀନରେ ପରମ୍ପରାଗତ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଓଡ଼ିଶାର ଅନ୍ୟ ଜିଲାରେ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କେନ୍ଦ୍ରାପଡ଼ାକୁ ସାମିଲ କରାଯାଇନାହିଁ। ଜିଲାରେ ୭ ନଦୀ ଓ ୨୭ ଶାଖା ନାଳ ଅଛି। ପ୍ରତିବର୍ଷ ପ୍ରାୟ ୧୪୦୦ ମିଲିମିଟର ବର୍ଷା ହେଉଛି। ତେବେ ବର୍ଷା ଜଳ ସଂରକ୍ଷଣ ଓ ନଦୀ, ନାଳ ଜଳର ପରିଚାଳନା ଚାଷୀଙ୍କ ପାଇଁ ବରଦାନ ନ ହୋଇ ଆତଙ୍କ ସୃଷ୍ଟି କରୁଛି। ବର୍ଷାଦିନେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବା ବେଳେ ଜଳସେଚନ ଅଭାବରୁ ଜିଲାର ପ୍ରାୟ ୪୦ ହଜାର ହେକ୍ଟର ଜମି ପଡ଼ିଆ ପଡୁଛି। ଏହା ବ୍ୟତୀତ ଜିଲାର ଚାଷୀ ଧାନ ଫସଲ ମଧ୍ୟରେ ସୀମିତ ରହୁଛନ୍ତି। ଫଳରେ ଆୟ କମୁଛି। ସାମୂହିକ ଭାବେ ୫ ବର୍ଷିଆ ଅର୍ଥକରୀ ଫସଲ ପାଇଁ କୃଷି ଗବେଷକଙ୍କ ଏକ କମିଟି ଆବଶ୍ୟକ। ଜିଲାରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ଜଳସେଚନ ବ୍ୟବସ୍ଥା, ତାଲିମ ସହ ଅର୍ଥକରୀ ଫସଲର ଉତ୍ପାଦନ ଓ ବିକ୍ରିକୁ ନେଇ ସ୍ୱଷ୍ଟ ମତ ପ୍ରକାଶ ପାଇଲେ ଜିଲାର କୃଷି ଶିଳ୍ପକୁ ଆଗେଇ ନେଇହେବ। ସାମ୍ପ୍ରତିକ ସମୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ସହିତ ୮ ଏକର ଚାଷ କରୁଥିବା ଚାଷୀଙ୍କ ଆୟ ସମାନ ହେଉ ନ ଥିବାରୁ କୃଷି ପ୍ରତି ଆଗ୍ରହ ପ୍ରକାଶ ପାଉନାହିଁ। ଯୁବବର୍ଗ କୃଷି ଅପେକ୍ଷା କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବହୁ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପ୍ରତି ଯୁବବର୍ଗ ସଚେତନ ହେବା ଆବଶ୍ୟକ। ଅର୍ଥକରୀ ଫସଲ ଉତ୍ପାଦନ ପ୍ରୋତ୍ସାହନ ପାଇଁ ଜିଲା କୃଷି ବିଭାଗ ବୈଠକରେ ଆଲୋଚନା କରାଯାଉଛି। ଖୁବ୍‌ଶୀଘ୍ର ଏ କ୍ଷେତ୍ରରେ ଏହି ଜିଲା ସୁନାମ ଆଣିବ ବୋଲି ସେ କହିଛନ୍ତି।



ଘରୋଇ ଶିକ୍ଷାନୁଷ୍ଠାନ ପକ୍ଷରୁ କେନ୍ଦ୍ରାପଡ଼ା ସହରରେ ବାହାରିଥିବା ୧ କି.ମି. ବ୍ୟାପୀ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଉଛି।

## ସାତଭାୟା କୂଳରୁ ମିଳିଲା ଅରବିନ୍ଦଙ୍କ ମୃତଦେହ

**ସମୁଦ୍ରରେ ଜାଲ ଉଠାଇବା ବେଳେ ମାଲିକ ନିଖୋଜ ଘଟଣା**

ରାଜନଗର, ୨୩।୧ (ଭାସ୍କର ରାଉତରାୟ)

ସମୁଦ୍ରରେ ଜାଲ ବୋଟକୁ ଉଠାଇବା ବେଳେ ୧୯ ତାରିଖ ରାତିରେ ଖସି ପଡ଼ିଥିବା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଶିକାରପାହି ଗାଁର ଅରବିନ୍ଦ ପାତ୍ର (୩୮)ଙ୍କ ମୃତଦେହ ୪ଦିନ ପରେ ମିଳିଛି। ଗୁରୁବାର ସାତଭାୟା ସମୁଦ୍ର କୂଳରେ ଏକ ମୃତଦେହ ଲାଗିଥିବା ବନ କର୍ମଚାରୀ ଦେଖି ଖବର ଦେଇଥିଲେ। ମୃତ ଅରବିନ୍ଦଙ୍କ ୨ ଭାଇ ଇନ୍ଦୁ, ରବି ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାହା ଅରବିନ୍ଦଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ସେଠାରୁ ମୃତଦେହକୁ ବାଉଁଶଗଡ଼ି ନଦୀ ଯାଏ ଅଣାଯାଇଥିଲା। ଘାଟ ପାର ହେବା ପରେ ମୃତଦେହକୁ ପୋଲିସ ରାଜନଗର ଥାନାକୁ ଆଣିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

୧୯ ତାରିଖ ରାତି ପ୍ରାୟ ୧ ଟାରେ ତାଳଚୁଆ ଘାଟରୁ ନିଜ ବୋଟକୁ ଚଳାଇ ଗଭୀର ସମୁଦ୍ରକୁ ମାଛ ମାରିବାକୁ ଅରବିନ୍ଦ ଯାଇଥିଲେ। ସାଙ୍ଗରେ ଅନ୍ୟ ୫ଜଣ ମତ୍ସ୍ୟଜୀବୀ ଥିଲେ। ରାତ୍ରି ପ୍ରାୟ ୩ଟାରେ ସାତଭାୟା ସମୁଦ୍ର କୂଳରୁ ୮ କି.ମି. ଦୂରରେ ଫିସିଂ କରୁଥିଲେ। ଜାଲ ବୋଟକୁ ଉଠାଇବା ବେଳେ କୌଣସି କାରଣରୁ ଅରବିନ୍ଦ ସମୁଦ୍ରକୁ ଖସି ପଡ଼ିଥିଲେ। ଶବ୍ଦ ଶୁଣି ଅନ୍ୟ ମତ୍ସ୍ୟଜୀବୀମାନେ ଦେଖିବା ବେଳକୁ ଟର୍ଚ୍ଚଟି ଜଳୁଥିବା ଅବସ୍ଥାରେ ସମୁଦ୍ର ଭିତରେ ଭାସୁଛି, ମାତ୍ର ମାଲିକ ଅରବିନ୍ଦ ନାହାନ୍ତି। ନିଜେ ଖୋଜାଖୋଜି କରିବା ସହ ନିକଟରେ ଥିବା ଅନ୍ୟ ବୋଟଗୁଡ଼ିକୁ ଡାକି ଖୋଜାଖୋଜି କରିଥିଲେ। ଅନ୍ଧାର ରାତି ଗଭୀର ସମୁଦ୍ର ହୋଇଥିବାରୁ ଅରବିନ୍ଦଙ୍କ ଖୋଜ ଖବର ମିଳି ନ ଥିଲା। ଖବରପାଇ କୋଷ୍ଟଗାର୍ଡ, ବନ ବିଭାଗର ୨ଟି ବୋଟ, ତାଳଚୁଆ ସାମୁଦ୍ରିକ ଥାନାର ଗୋଟିଏ ବୋଟ ଓ ଅନ୍ୟ ମାଛ ମାରୁଥିବା ବୋଟ ଖୋଜାଖୋଜି କରିଥିଲେ ମଧ୍ୟ ଅରବିନ୍ଦଙ୍କ ଖୋଜ ଖବର ମିଳି ନ ଥିଲା। ଗୁରୁବାର ତାଙ୍କ ମୃତଦେହ ଠାବ ହୋଇଛି।

## ହଂସୁଆ ନଦୀକୁ ଖସିପଡ଼ିଲେ ଯୁବକ

ରାଜନଗର, ୨୩।୧ (ଭାସ୍କର ରାଉତରାୟ)

ରାଜନଗର ଥାନା ହଂସୁଆ ନଦୀର ସେତୁ ଉପରୁ ଜଣେ ଯୁବକ ନଦୀ ମଧ୍ୟକୁ ଗୁରୁବାର ସନ୍ଧ୍ୟାରେ ଖସି ପଡ଼ିଛନ୍ତି। ପୋଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଯୁବକଙ୍କୁ ଠାବ କରିବା ପାଇଁ ଖୋଜାଖୋଜି ଜାରି ରହିଛି। ଅନ୍ଧାର ଓ ନଦୀରେ କୁମ୍ଭୀର ଭାସୁଥିବାରୁ ଖୋଜାଖୋଜି ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ଜରିମୂଳ ଅଞ୍ଚଳର ଜଣେ ଯୁବକ ହଂସୁଆ ସେତୁର ବାଡ଼ ଉପରେ ବସି ମୋବାଇଲ ଫୋନରେ କଥା ହେଉଥିବା ବେଳେ ନଦୀ ମଧ୍ୟକୁ ଖସିପଡ଼ିଥିଲେ। ତାଙ୍କର ଗୋଟିଏ ଚପଲ ପୋଲ ଉପରେ ପଡିଛି। ଚପଲଟି ଯୁବକ ଜଣଙ୍କ ବୁଧବାର କିଣିଥିଲେ।

## ରାଜପଥରୁ ମୋବାଇଲ୍ ଫୋନ ଲୁଟ୍ : ୩ ଅଭିଯୁକ୍ତ ଗିରଫ

ପାରାଦୀପ, ୨୩।୧ (ଶରତ ରାଉତ)

ରାଜପଥରୁ ମୋବାଇଲ ଫୋନ ଲୁଟ୍ କରିବା ଅଭିଯୋଗରେ ପାରାଦୀପ ଲକ୍‌ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିନୋଦ ମହାପାତ୍ର, ଆକାଶ ମଲ୍ଲିକ, ବଳରାମ ମହାପାତ୍ର। ସେମାନଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ଫତେପୁର ଗ୍ରାମରେ। ନଭେମ୍ବର ୭ରେ ଲକ୍‌ଥାନା ଅନ୍ତର୍ଗତ ଦୋଛକିଠାରେ ଭଦ୍ରକ ଅଞ୍ଚଳର ଏସ୍.କେ ରିୟାଜଙ୍କ ମୋବାଇଲ ଫୋନକୁ ଅଭିଯୁକ୍ତମାନେ ଛଡ଼େଇ ନେଇ ଯାଇଥିଲେ। ଏହି ୩ ଜଣ ଏକ ସ୍କୁଟିରେ ଯୋଗେ ଆସି ଏପରି ଲୁଟ୍ କରିଥିଲେ। ସେତେବେଳେ ପୋଲିସ ଉକ୍ତ ଅଭିଯୋଗ ଆଧାରରେ ମାମଲା (ନଂ. ୩୮୩/୨୪) ରୁଜୁ କରିଥିଲା। ଏବେ ପୋଲିସ୍ ଲୁଟ୍ ମୋବାଇଲ ଫୋନ ଉଦ୍ଧାର କରିବା ସହ ସ୍କୁଟି ଜବତ କରିଛି ବୋଲି ପ୍ରେସମିଟ୍ ଜରିଆରେ ସୂଚନା ଦେଇଛି।

## ବଦଳି କରାଇ ଦେବାକୁ କହି ୨ ଲକ୍ଷ ଠକେଇ

ଚଣ୍ଡିଖୋଲ, ୨୩।୧
(ପ୍ରଦୀପ୍ତ କୁମାର ପୃଷ୍ଟି)

ଜଣେ ଅଧ୍ୟାପିକାଙ୍କୁ ବଦଳି କରେଇଦେବା ନାଁରେ ୨ଲକ୍ଷ ଟଙ୍କା ଠକେଇ ହୋଇଛି। ସେଥିରୁ ଅଭିଯୁକ୍ତ ୧୫ହଜାର ଟଙ୍କା ଫେରାଇବାପରେ ଅବଶିଷ୍ଟ ୧ଲକ୍ଷ ୮୫ହଜାର ଟଙ୍କା ଫେରାଉ ନ ଥିବା ଥାନାରେ ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ।

ଯାଜପୁର ଜିଲା ବରୀ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସେହି ଥାନା ଅନ୍ତର୍ଗତ କୃଷ୍ଣନଗର ଗ୍ରାମର ବିଷ୍ଣୁ ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନ୍ଦରେଶ୍ୱର ଗ୍ରାମର ପ୍ରତ୍ୟୁଷ ସାମଲ ଚାକିରି ବଦଳି ଆଦେଶ ଦେବାପାଇଁ ୨ଲକ୍ଷ ଟଙ୍କା ନେଇଥିଲେ। ଜଣେ ଉଚ୍ଚପଦାଧିକାରୀଙ୍କ ସହିତ କଥାବାର୍ତ୍ତା କରାଇ ବିଷ୍ଣୁଙ୍କ ସ୍ତ୍ରୀ ଜୟନ୍ତୀ ଦାଶଙ୍କୁ ବରୀ ରାଜାତୋଟା ସ୍ଥିତ କେପି ମହିଳା ମହାବିଦ୍ୟାଳୟରୁ ଭୁବନେଶ୍ୱରସ୍ଥିତ ଏକାମ୍ର କଲେଜକୁ ବଦଳି କରିଦେବେ ବୋଲି କହିଥିଲେ। ତେବେ ବଦଳି ହୋଇପାରିଲା ନାହିଁ କିମ୍ବା ଟଙ୍କା ଫେରସ୍ତ ହେଲାନାହିଁ। ଏନେଇ ବିଷ୍ଣୁ ପ୍ରତ୍ୟୁଷଙ୍କ ବାପା ଓ ମା'ଙ୍କ ସହିତ କଥା ହୋଇଥିଲେ। ସେମାନେ ୧୫ହଜାର ଟଙ୍କା ଫେରସ୍ତ କରିଥିଲେ। ହେଲେ ଆଉ ୧ ଲକ୍ଷ ୮୫ ହଜାର ଟଙ୍କା ଫେରସ୍ତ ନ କରିବାରୁ ଏ ନେଇ ଗତ ୯ତାରିଖରେ ବିଷ୍ଣୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ବିଷ୍ଣୁ ଦର୍ଶାଇଛନ୍ତି ଯେ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରୁ ଅବସର ନେବାପରେ ଏବେ ଭୁବନେଶ୍ୱରସ୍ଥିତ ସୁନ୍ଦରପଦା ଚଣ୍ଡି ବଜାରରେ ରହୁଛନ୍ତି। ସେଥିପାଇଁ ତାଙ୍କ ସ୍ତ୍ରୀଙ୍କୁ ଏଠାରୁ ବଦଳି କରି ଭୁବନେଶ୍ୱର ନେବାପାଇଁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କ ସହିତ ସମ୍ପର୍କରେ ଥିବା ପ୍ରତ୍ୟୁଷ ସେ ସଚିବଙ୍କୁ ଧରି ବଦଳି କରାଇ ଦେବ ବୋଲି ଭରସା ଦେଇଥିଲା। ଏହାପରେ ବିଷ୍ଣୁ ୩ଟି କିସ୍ତିରେ ଅନଲାଇନ୍ ମାଧ୍ୟମରେ ୨ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବଦଳି ନ ହେବାରୁ ଟଙ୍କା ଫେରସ୍ତ ମାଗିଥିଲେ। ପ୍ରତ୍ୟୁଷ ଟଙ୍କା ଫେରସ୍ତ କରିବେ ବୋଲି କହି ନ ଦେବାରୁ ସେ ପୋଲିସର ଆଶ୍ରୟ ନେଇଥିବା ପ୍ରକାଶ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ନଂ.୧୩/୨୫ରେ ଏକ ମାମଲା ରୁଜୁ ତଦନ୍ତ କରୁଛି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାଅଧିକାରୀ ସମରଜିତ ନାୟକଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

## ଖବରକାଗଜ ଏଜେଣ୍ଟ, ବିତରକଙ୍କ ବନ୍ଧୁମିଳନ



ମାର୍ଶାଘାଇ, ୨୩।୧
(ଶୁଭେନ୍ଦୁ ପ୍ରସାଦ ଚୌଧୂରୀ)

ମାର୍ଶାଘାଇ ବ୍ଲକ ମାର୍ଶାଘାଇ ବଜାରସ୍ଥ ନନା ଖବର କାଗଜ ବିତରଣ ଏଜେନ୍ସି ପକ୍ଷରୁ ଏକ ବନ୍ଧୁ ମିଳନର ଆୟୋଜନ ସ୍ଥାନୀୟ ବାଲି କଷୋଟି ଝାଉଁ ଜଙ୍ଗଲରେ ଅନୁଷ୍ଠିତ ହୋଇଥିଲା। ଏଜେନ୍ସି ମାଲିକ ପ୍ରଦୀପ୍ତ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାର୍ଶାଘାଇ, ମହାକାଳପଡା ଅଞ୍ଚଳର ଖବରକାଗଜ ବିତରକମାନେ ଯୋଗ ଦେଇଥିଲେ। ସମସ୍ତ ବିତରକ ନିଜର ପରିବାରଙ୍କୁ ଏହି ବନ୍ଧୁମିଳନରେ ସାମିଲ କରିଥିଲେ। ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହେବା ସହ କିପରି ଦିନରାତିକୁ ଏକ କରି ଲୋକମାନଙ୍କ ନିକଟରେ ଖରା କି ବର୍ଷା କିମ୍ବା ଶୀତ କାକରରେ ଖବର କାଗଜ ପହଞ୍ଚାଉଛନ୍ତି। ଆଜି ଦିନରେ ସମସ୍ତେ ସମସ୍ତଙ୍କ ସହ ଓ ନିଜର ପରିବାର ସହିତ ସୁଖଦୁଃଖ ବାଣ୍ଟିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ଖବର କାଗଜ ବିତରକ ପ୍ରଭାକର ନାୟକ, ହୃଷୀକେଶ ସ୍ୱାଇଁ, ଜପ ମଲିକ, ବିଜୟ ସାହୁ, ବଲ୍ଲଭ ମଲିକ, ମାନସ ବସନ୍ତିଆ, ଅଲେଖ ଜେନା, ମନୋରଞ୍ଜନ ପଣ୍ଡାଙ୍କ ସମେତ ବିତରକ ଏବଂ ତାଙ୍କ ପରିବାର ସଦସ୍ୟ ଯୋଗଦେଇଥିଲେ। ଶେଷରେ ଏଜେଣ୍ଟ ରଥ ଖବର କାଗଜ ବିତରକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭମ୍



@ ପ୍ରେମାନନ୍ଦ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



# ବରଖୋଲ ଶିଆଳି ବଣରେ ଜୀବିକା




## ପୁଟୁବାରୀ ଗାଁ ଆଦିବାସୀଙ୍କ ଜଙ୍ଗଲ ପ୍ରୀତି

ନୟାଗଡ଼,୨୩।୧(ଲୋକନାଥ ମିଶ୍ର):

ଶିଆଳି ଜଙ୍ଗଲ ସୃଷ୍ଟି ପାଇଁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଭୋଗବାଡ଼ି ପଞ୍ଚାୟତ ପୁଟୁବାରୀ ଗାଁର ଆଦିବାସୀମାନେ କରିଥିବା ଶ୍ରମ ସାର୍ଥକ ହୋଇଛି । ଶିଆଳି ଗଛରୁ ପତ୍ର ତୋଳିଗାଁ ଲୋକମାନେ ଅବସର ସମୟରେ ଖଲି ତିଆରି କାମ ଆରମ୍ଭ କରିଛନ୍ତି । ସ୍ଥାନୀୟ ଜଙ୍ଗଲରେ ଆଦିବାସୀମାନେ ୩୦୦ ଚାରା ରୋପଣ କରିଥିଲେ। ନୂଆ ଜଙ୍ଗଲ ସୃଷ୍ଟି ପାଇଁ ଜଙ୍ଗଲରୁ ଶିଆଳି ମଞ୍ଜି ସଂଗ୍ରହ କରି ସଂରକ୍ଷଣ କରି ରଖିବା ପରେ ନର୍ସରୀ କରି ୨ବର୍ଷ ତଳେ ୫୦୦ ଚାରା ଲଗାଇଥିଲେ। ଜୀବନ ଜୀବିକା ପାଇ ଶିଆଳି ଲତାର ବଂଶ ବିସ୍ତାର କରିବାକୁ ଆଦିବାସୀ ଉଦ୍ୟମ କରିଥିଲେ । ଶିଆଳି ଜଙ୍ଗଲ ଉଜୁଡିବା ପରେ ଆଦିବାସୀ ନୂଆ ଶିଆଳି ଜଙ୍ଗଲ ସୃଷ୍ଟି କରି ଚର୍ଚ୍ଚାକୁ ଆସିଛନ୍ତି ।

ପୁଟୁବାରୀ ଗାଁରେ ୩୨ ପରିବାରରେ ୨୦୫ ଆଦିବାସୀ ବାସ କରୁଛନ୍ତି । ସେଠାରେ ଗାଁ ଲୋକ ମା'କାଳଞ୍ଜରୀ ଜଙ୍ଗଲ୨୦୧୫ରୁ ସୁରକ୍ଷା ଦେଇ ଆସୁଛନ୍ତି । ୨୦୧୪ ପୂର୍ବରୁ ଜଙ୍ଗଲ ଉଜୁଡି ଚାଲିଥିଲା । ଆଦିବାସୀମାନେ ଗାଁରେ ସଭା କରି ଜଙ୍ଗଲର ସୁରକ୍ଷା କରିଥିଲେ । ତେବେ ଜଙ୍ଗଲରୁ ଶିଆଳି ଲଟା ଲୋପ ପାଇବାକୁ ଲାଗିଲା । ଆଦିବାସୀ ମହିଳାମାନେ ଖଲି ତିଆରି କରିବା କଷ୍ଟକର ହୋଇ ପଡିଥିଲା । ଜଙ୍ଗଲରୁ ଶିଆଳି ପତ୍ର ମିଳିଲା ନାହିଁ । ପ୍ରତି ବର୍ଷ ଜଙ୍ଗଲ ପୋଡି ସମୟରେ ଶିଆଳି ଲଟା ପୁରା ପୋଡ଼ିଗଲା । ଏଭଳିସ୍ଥଳେ ଆଦିବାସୀ ମହିଳା ଖଲି ତିଆରି କରିବାରୁ ବଞ୍ଚିତ ହେଲେ । ଖଲି ତିଆରି ବନ୍ଦ ହୋଇ ଯିବା ପରେ ରୋଜଗାର ଉପରେ ପ୍ରଭାବ ପଡିଲା । ଏନେଇ ଜଙ୍ଗଲ କମିଟି ସଭାପତି ସାଧବ ମଲିକ କୁହନ୍ତି, ଜଙ୍ଗଲରୁ ଶିଆଳି ଲଟା ହ୍ରାସ ପାଇବା ପରେ ନିର୍ମାଣ ଅନୁଷ୍ଠାନ ପକ୍ଷରୁ ଆମକୁ ନୂଆ ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରେରଣା ମିଳିଲା । ସେମାନଙ୍କ ସହଯୋଗରେ ଗାଁର ମହିଳାମାନେ ଶିଆଳି ଜଙ୍ଗଲ ସୃଷ୍ଟି ପାଇଁ ଗାଁ ମୁଣ୍ଡରେ ଏକ ନର୍ସରୀ କରି ୫୦୦ ଚାରା ରୋପଣ କରିଥିଲେ । ଏଥିରୁ ୨୦୦ ଚାରା ନଷ୍ଟ ହୋଇଯାଇଥିଲା । ତେବେ ଚାରାଗୁଡିକୁ ନେଇ ବରଖାଲ ଜଙ୍ଗଲରେ ଲଗାଯାଇଥିଲା । ସଜନି ମଲିକ କୁହନ୍ତି ଶିଆଳି ଲଟାକୁ ଜଙ୍ଗଲର ବିଭିନ୍ନ ସ୍ଥାନରୁ ଖୋଜିବାକୁ ପଡୁଥିଲା । ବୋରଖାଲ ଜଙ୍ଗଲରେ କେବଳ ଶିଆଳି ଜଙ୍ଗଲ ସୃଷ୍ଟି କରାଗଲା । ଆଦିବାସୀ ମହିଳାମାନଙ୍କୁ ଆଉ ଅଧିକା ବାଟ ପରିଶ୍ରମ କରିବାକୁ ପଡୁନାହିଁ । ପ୍ରାୟ ୧ବର୍ଷ ଭିତରେ ଗଛଗୁଡିକ ଆଦିବାସୀ ମହିଳାଙ୍କ ରୋଜଗାରର ମାଧ୍ୟମ ପାଲଟିଲା । ଆଉ ଖଲି ତିଆରିରେ ଅସୁବିଧା ହେଉ ନାହିଁ । ତେବେ ପର୍ଯ୍ୟାପ୍ତ ପରମାଣର ଶିଆଳ ପତ୍ର ଉପଲବ୍ଧି ହୋଇ ନାହିଁ । ୨୦୨୩ ଜାନୁଆରୀରେ ଶିଆଳି ନର୍ସରୀ ହୋଇଥିଲା । ଶିଆଳି ଜଙ୍ଗଲର ସଫଳତା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ନୂଆ ଚାରା ସୃଷ୍ଟି ପାଇଁ ପୁଣି ଉଦ୍ୟମ ଆରମ୍ଭ ହୋଇଛି । ସଂପୃକ୍ତ ଶିଆଳି ଲଟାର ଜଙ୍ଗଲକୁ ଗାଁର ମହିଳାମାନେ ସୁରକ୍ଷା ଦେଉଛନ୍ତି ବୋଲି କହିଛନ୍ତି ।

## ୬ ଗାଁରେ ଫଳ ବଗିଚା

ଗାଁ ହେଉ କି ପାହାଡ଼ ପାଦଦେଶ ଗାଁରେ ଆଉ ଫଳ ବଗିଚା ଦେଖିବାକୁ ମିଳୁନାହିଁ । ଯେଉଁଠି ଥିଲା ଉଜୁଡି ଚାଲିଛି । ଗାଁରେ ଫଳ ବଗିଚାକୁ ଦୃଷ୍ଟିରେ ରଖି ଦଶପଲ୍ଲା କୁଲରୁକୁମ୍ପା ପଞ୍ଚାୟତର ଦୁଡୁକିପାଙ୍ଗୁ, ଉପରଡିକର ଓ ବିତାପାଙ୍ଗୁ, ଟାକେରା ପଞ୍ଚାୟତର ବଙ୍କତଲା ଓ , ଭୋଗବାଡି ପଞ୍ଚାୟତର ପୁଟୁବାରୀ ଓ ଗେରାପାଙ୍ଗୁ ଆଦି ୬ ଗାଁରେ ଫଳ ବଗିଚା ସୃଷ୍ଟି କରାଯାଇଛି । ପ୍ରାୟ ୨ବର୍ଷ ତଳେ ଏହି ବଗିଚା କରାଯାଇଛି । ୬ଗାଁରେ ପ୍ରାୟ ୨୫୦୦ ଆମ୍ବ, ପଣସ, ବଡ ଜାମୁ, କଇଥ, ପିଜୁଳି, ଡାଳିମ୍ବ, ଲେମ୍ବୁ, ବରକୋଳି, ହରିଡା, ବାହାଡା, ଅଁଳା ଆଦି ଗଛ ଲାଗିଛି । ତେବେ ଫଳ ବଗିଚା ହେବା ପୂର୍ବରୁ ପ୍ରତି ଗାଁରେ ଏକ ସ୍ଥାନ ଚୟନ କରାଯାଇଥିଲା । ଯେଉଁଠି ଗଛ ଲାଗିବ ସେହି ସ୍ଥାନରେ ପୂର୍ବରୁ ଗାତ ଖୋଳାଯାଇ ଗୋବରଖତ, ଗାମକ୍ସିନ, ମାଟି ମିଶାଇ ୨ ଫୁଟ ପର୍ଯ୍ୟନ୍ତ ପ୍ରସ୍ତୁତ କରି ରଖାଯାଇଥିଲା । ପ୍ରତି ପରିବାର ପକ୍ଷରୁ ସଦସ୍ୟମାନେ ଚାରା ରୋପଣ କରିଥିଲେ । ଘର ସମ୍ମୁଖରେ ରଙ୍ଗାମାଟିରେ ଲିପାଯାଇ ମୁରୁଜ ପକାଯାଇ ଗଛ ରଖାଯାଇଥିଲା । ଦୀପ ଲଗାଇ ଦୁବ, କ୍ଷୀର, ଅରୁଆ ଚାଉଳରେ ଗାଁରେ ପୂଜା ପାଠ କରିବା ପରେ ଲୋକମାନେ ଧାଡି ହୋଇ ଫଳ ଗଛ ରୋପଣ କରିଥିଲେ । ଏବେ ଗଛଗୁଡିକ ସୁରକ୍ଷିତ ହୋଇ ବଢୁଛି । ଏନେଇ ବିତାପାଙ୍ଗୁ ଗାଁର ପ୍ରହଲାଦ ନାୟକ, ଉପରଡିକରି ନୀଳାମ୍ବର ଜାନି, ଦୁଡୁକିପାଙ୍ଗୁର ପୀତାମ୍ବର ଜାତି କୁହନ୍ତି ଆମ ଗାଁରେ ଫଳ ବଗିଚା ନ ଥିଲା । ଗାଁ ଲୋକ ଜଙ୍ଗଲ ସୁରକ୍ଷା କରୁଥିଲେ । ଗାଁରେ ଫଳ ବଗିଚା କରାଯିବା ପରେ ତାର ବି ସୁରକ୍ଷା କରୁଛନ୍ତି । ଫଳ ବଗିଚା ଗାଁ ଲୋକଙ୍କ କାମରେ ଆସିବ । ଅନ୍ୟପକ୍ଷେ ଏଥିରେ କିଛି ଔଷଧୀୟ ଗଛ ଲାଗିଛି । ଫଳ ଓ ଔଷଧୀୟ ଗଛ ପୁଣି ଲଗାଯିବ ବୋଲି ସେ କହିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭମ୍



@ ପ୍ରେମାନନ୍ଦ



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନେତାଜୀ ଥିଲେ ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରୀ

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଖଣ୍ଡପଡ଼ା,୨୩।୧(ଅଜୟ କୁମାର ମହାରଣା)

ଗୁରୁବାର ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୀର ସୁରେନ୍ଦ୍ର ସାଏଙ୍କ ୨୧୬ ତମ ଜନ୍ମ ତିଥି ଏବଂ ଆଜାଦ ହିନ୍ଦ ଫୌଜର ମୁଖ୍ୟ ବିନ୍ଧାଣୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ନେତାଜୀ ଥିଲେ ଶତାବ୍ଦୀର ମହାନାୟକ, ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରୀ ଓ ସ୍ୱାଭିମାନର ପ୍ରତୀକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠାର ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ-୧ ଶ୍ରେଣୀର ଶତାଧିକ ଛାତ୍ରୀ ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅଧାପିକା, ଅଧାପକ ଓ ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ ଯୋଗଦେଇ ନେତାଜୀ ଓ ବୀର ସୁରେନ୍ଦ୍ରସାଏଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଅଧାପକ ଅଜିତ ବସନ୍ତରାୟ ନେତାଜୀ ସୁଭାଷ ବୋଷଙ୍କ ତ୍ୟାଗ ଓ ବଳିଦାନ ସହ ସୁରେନ୍ଦ୍ରଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇ ଭବିଷ୍ୟତରେ କିପରି ମହାପୁରଷଦ୍ୱୟଙ୍କ ପଦାଙ୍କ ଅନୁସରଣ କରି ନିଜକୁ ଦେଶ ମାତୃକାର ସେବାରେ ନିୟୋଜିତ ହୋଇ ପାରିବେ ସେ ସମ୍ପର୍କରେ ସାରଗର୍ଭକ ମନ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ସରିତା ମହାରଣା ଏବଂ ଶିକ୍ଷକ ହୃଦାନନ୍ଦ ପ୍ରଧାନ ଉଭୟ ଯୋଗଜନ୍ମାଙ୍କ ଜୀବନର ଅନାଲୋଚିତ ଘଟଣା ସମ୍ପର୍କର ଆଲୋଚନା କରିଥିଲେ । ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ସମେତ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଠାଣି ସାମନ୍ତ ଶିକ୍ଷା କେନ୍ଦ୍ର, ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ସହିତ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପରିସରରେ ନେତାଜୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା ।

# ଫାଇନାଲରେ ବରୁଣେଇ କ୍ରିକେଟ କ୍ଲବ୍

## ରବୀନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ



ଖଣ୍ଡପଡ଼ା,୨୩।୧(ଅଜୟ କୁମାର ମହାରଣା) ବାଣପୁର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆରମ୍ଭ ହୋଇଥିବା ରବିନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ ଗୋପୀନାଥପୁର କ୍ରିକେଟ ଟିମ୍‌କୁ ୪୦ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି । କଣ୍ଟିଲୋ ଦଳ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ୭ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଗୋପିନାଥପୁର ଟିମ୍ ୧୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା । ବିଜୟୀ ଦଳର ଚିକୁ ବ୍ୟକ୍ତିଗତ ୭୧ ରନ ସଂଗ୍ରହ କରିବା ସହ ୨ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସୁରେଶ କୁମାର ପ୍ରଧାନ ଓ ଚନ୍ଦନ ଦଳେଇ ଖେଳକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବଡ଼ବାଣପୁର ପଞ୍ଚାୟତର ନାଏବ ସରପଞ୍ଚ ରାଘବ ପ୍ରଧାନ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା ୨୬ ତାରିଖ ଫାଇନାଲ ମ୍ୟାଚରେ କଣ୍ଟିଲୋ ବରୁଣେଇ କ୍ରିକେଟ କ୍ଲବ ସହିତ ନୂଆପାଟଣା କ୍ରିକେଟ୍ କ୍ଲବ ସହ ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ ।

# ମୂଲ୍ୟବାନ୍ ସରକାରୀ ଜମି ଜବରଦଖଲ ପାଇଁ ଉଦ୍ୟମ



ସରକାରୀ ଜମିରେ ନିର୍ମାଣ ହୋଇଥିବା ପିଲର ।

- କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ କଂଗ୍ରେସ ସଭାପତିଙ୍କ ଦାବି
- କ୍ଷେତ୍ର ପରିଦର୍ଶନ ପରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଓଡ଼ଗାଁ,୨୩।୧(ଆଦର୍ଶ କୁମାର ପଟ୍ଟନାୟକ):

ନୟାଗଡ଼ ଜିଲା ଓଡ଼ଗାଁରେ ଶ୍ରୀରଘୁନାଥଜୀଉଙ୍କ ପୀଠର ବିକାଶ ଓ ସହରୀକରଣ ସହିତ ବିଜ୍ଞାପିତ ଅଞ୍ଚଳ ଘୋଷଣା ହେବା ପରେ ସ୍ଥାନୀୟ ଅଞ୍ଚଳରେ ବେସରକାରୀ ଘରବାଡି ସହିତ ଜାଗା ମୂଲ୍ୟ ଆକାଶ ଛୁଆଁ ହୋଇଛି । ସହରୀକରଣ ନିୟମାନୁସାରେ ସ୍ଥାନୀୟ ଜାରିଙ୍ଗି ମୌଜାକୁ ବସ୍ତି ଅଞ୍ଚଳ ଘୋଷଣା କରିବା ସହିତ ସ୍ଥାନୀୟ ସହର ବାସିନ୍ଦା ବ୍ୟତିରେକ ଅନ୍ୟଗ୍ରାମ ବା ସହରର ଶତାଧିକ ଲୋକଙ୍କୁ ଅନୈତିକ ଭାବେ ଘରବାରୀ ସହିତ ସହରୀ ଆବାସ ଯୋଜନାରେ ସାମିଲ କରାଯାଇଛି । ହେଲେ ଏଥିମଧ୍ୟରୁ ଅନେକ ଘରବାରୀ ଓ ଆବାସ ପାଇବା ପରେ ଘର ସବୁ ଭଡ଼ାସୂତ୍ରରେ ଲଗାଇ ନିଜ ଗାଁରେ ଯାଇ ରହୁଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ସହର ଓ ସହର ଉପକଣ୍ଠର ରାଜସ୍ୱ, ବନ ବିଭାଗ ଓ ବିଜ୍ଞାପିତ ଅଞ୍ଚଳର ଦ୍ୱୈତ ପ୍ରଶାସନିକ ପରିଚାଳନାର ଦ୍ୱାହି ଅନେକ କୋଟି ଟଙ୍କା ମୂଲ୍ୟର ବହୁ ମୂଲ୍ୟବାନ ସରକାରୀ ଜାଗାକୁ ଜବରଦଖଲ କରାଯାଇଛି । ସେହି ଜମିରେ ଦୋକାନ ଘର ସବୁ ନିର୍ମାଣ କରାଯାଇ ଭଡ଼ା ଦିଆଯାଇଛି । ଓଡ଼ଗାଁ କଲେଜ ସାମ୍ନା ଓ ଜଳସେଚନ ବିଭାଗ କାର୍ଯ୍ୟାଳୟ ସନ୍ନିକଟ ସରକାରୀ ଜମିକୁ ଜବରଦଖଲ କରାଯାଇ ଦୋକାନ ଘର ସବୁ ନିର୍ମାଣ କରାଯାଇଛି । ଅନ୍ୟପକ୍ଷେ କଲେଜ ସନ୍ନିକଟ ତଥା ତଥାକଥିତ ସରକାରୀ ଆମ୍ବ ବଗିଚା ସାମ୍ନାରେ ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ସରକାରୀ ଜାଗାକୁ ଜେସିବି ଲଗାଇ ସଫା କରି ସେଥିରେ ୬ଟି ପିଲାର ପୋତି ଦୋକାନ ଘର ନିର୍ମାଣ କରିବାକୁ ଉଦ୍ୟମ କରାଯାଇଥିବା ରାଜସ୍ୱ ଓ ବନ ବିଭାଗ ନିକଟରେ ଅଭିଯୋଗ ହୋଇଛି । ସ୍ଥାନୀୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ସେହି ଜମିକୁ ଜବରଦଖଲ କରି ଜଣେ କବାଡିଆଙ୍କୁ ଭଡା ସୂତ୍ରରେ ଦେଇଛନ୍ତି । ଏହା ସହିତ ସହର ଉପକଣ୍ଠ ତଥା ନନ୍ଦିଘୋର ପଞ୍ଚାୟତ ଅନ୍ତର୍ଗତ ଘଷାଦେଇପୁର ମୌଜାରେ ପ୍ରାୟ ୨ ଏକର ସରକାରୀ ଜମି ତଥା ଜଙ୍ଗଲ କିସମ ଜାଗାରୁ ଜଣେ ପ୍ରଭାବଶାଳୀ ମିଲ ମାଲିକ ଦିନ ରାତି ଜେସିବି ଓ ଟ୍ରାକ୍ଟର ଲଗାଇ ନିଜ ଗୋଦାମ ଘର ପାଇଁ ରାସ୍ତା ନିର୍ମାଣ କରିବାକୁ ଲାଗି ପଡିଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଓଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଗୁରୁବାର ଛୁଟି ଦିନ ହୋଇଥିବାରୁ ଜିଲାପାଳ, ତହସିଲଦାର, ବନାଞ୍ଚଳ ଅଧିକାରୀ ଓ ସ୍ଥାନୀୟ ଖବରଦାତାଙ୍କୁ ହ୍ୱାଟସ୍‌ଅପ ମାଧ୍ୟମରେ ଫଟୋ ପ୍ରେରଣ ସହିତ ଅଭିଯୋଗ କରିଛନ୍ତି । ସ୍ଥାନୀୟ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଓ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲିକଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବାରୁ ଉଭୟ ଅଧିକାରୀ ସେମାନଙ୍କ କ୍ଷେତ୍ର କର୍ମଚାରୀଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ଏପରି କି ପ୍ରାରମ୍ଭିକ ତଦନ୍ତ ଅନୁସାରେ ପିଲାର ଉଠାଯାଇଥିବା ଜାଗା ସରକାରୀ ହୋଇଥିବା ବେଳେ ମାମଲା ହାଇକୋର୍ଟରେ ବିଚାରଧୀନ ଥିବା ତହସିଲଦାର ଡ.ଭୋଇ କହିଛନ୍ତି । ହେଲେ ଜିଲାପାଳ ତଥା ରାଜସ୍ୱ ମନ୍ତ୍ରୀ ଏନେଇ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ସେହିପରି ବେଆଇନ ଭାବେ ସରକାରୀ ଜମିରୁ ମାଟି ଖୋଳି ନେଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।



## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ରଘୁନାଥପୁର, ୨୩।୧ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଗୁଆଳିପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ସୋନା ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ସଭାରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ପ୍ରସାର ଓ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ହେଉଛି ନିପୁଣ ଓଡ଼ିଶା ମିଶନର ଲକ୍ଷ ଏବଂ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ମେଳାରେ କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ସ୍କୁଲରୁ ଜଣେ ଲେଖାଏଁ ଶିକ୍ଷୟିତ୍ରୀ କିମ୍ବା ଶିକ୍ଷକ,ଅଭିଭାବକ ଏବଂ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ର ଯୋଗଦେଇଥିଲେ। ମେଳାରେ ୪ ଶିକ୍ଷଣ କେନ୍ଦ୍ର ଯଥା ସାକ୍ଷରତା ଷ୍ଟଲ, ସଂଖ୍ୟାଜ୍ଞାନ ଷ୍ଟଲ, ସୃଜନାତ୍ମକ କାର୍ଯ୍ୟକଳାପ ଓ ମତାମତ ଷ୍ଟଲ ଖୋଲା ଯାଇଥିଲା। ଏଥିରେ ମା'ବାପା, ଶିକ୍ଷକ ଓ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ରହି ନିପୁଣ ଓଡ଼ିଶା ମେଳା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଶିକ୍ଷକମାନଙ୍କୁ ପ୍ରଶଂସା ପତ୍ର ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ସାହୁ, ଅଙ୍ଗନୱାଡି କର୍ମୀ ଅପର୍ଣ୍ଣା ସ୍ୱାଇଁ ଓ ସହାୟିକା ଗିତାରାଣୀ ସ୍ୱାଇଁ ଏଥିରେ ଯୋଗ ଦେଇଥିଲେ। ଏହାଛଡା ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ରାହାମା, ୨୩।୧ (ଶ୍ରୀକାନ୍ତ ଦାସ)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡା ରାହାମାର ୨୬ତମ ବାର୍ଷିକ ଉତ୍ସବ ରାହାମାସ୍ଥିତ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମ ପରିସରରେ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ସ୍ଥାୟୀ ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପିପିଏଲ୍ ନିଗମ ବ୍ୟପାର ପ୍ରମୁଖ ଶୁଦ୍ଧି ରଞ୍ଜନ ମିଶ୍ର, ବିଶିଷ୍ଟ ବୈଜ୍ଞାନିକ ଡ. ଅଜୟ କୁମାର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ସମ୍ପାଦକ ଡ. ସରୋଜ କୁମାର ହାତୀ, ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ ଯୋଗଦେଇ ଏହି ବାର୍ଷିକ ଉତ୍ସବ ସମାରୋହର ମୂଲ୍ୟବୋଧ ଉପରେ କହିଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ଦିପକ କୁମାର ଦାସ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ମନ୍ତ୍ରୀ ସ୍ୱାଇଁ କହିଥିଲେ ଦେଶରେ ନୂଆ ପରିବର୍ତ୍ତନ ଆଣିବ ନୂତନ ଶିକ୍ଷାନୀତି। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ଶତାଧିକ ଛାତ୍ରୀଛାତ୍ର ସହ ଅଭିଭାବିକା, ଅଭିଭାବକ ଗୁରୁମା, ଗୁରୁଜୀ ଓ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସଦସ୍ୟମାନେ ଉପସ୍ଥିତ ଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜୟଶ୍ରୀ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବିରରୁ ୩୬ ୟୁନିଟ ରକ୍ତ ସଂଗ୍ରହ

**ରଘୁନାଥପୁର, ୨୩।୧ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବକ ସଂଘ ସଭାପତି ତ୍ରିଲୋଚନ ପାତ୍ର ଓ ସମ୍ପାଦକ ସ୍ମୃତିରଞ୍ଜନ ବେହେରାଙ୍କ ପରିଚାଳନାରେ ଆୟୋଜିତ ଶିବିରକୁ ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ସେଠୀ ଉଦଘାଟନ କରିଥିଲେ। ସେହିପରି ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଆମର ଲକ୍ଷ ହେଉ ବୋଲି ସଂଘ ଉପଦେଷ୍ଟା ତଥା ସାହିତ୍ୟକ ଅଲେଖ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ। ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ସୌଭାଗ୍ୟ ରଞ୍ଜନ ଜେନା, ଜଇପୁର ମଣ୍ଡଳ ଭାଜପା ସଭାପତି ବନୋଜ ନାୟକ ଓ ପ୍ରତିଷ୍ଠାତା ସଭାପତି ପଦ୍ମଚରଣ ସାହୁ, ବଳରାମ ଦଳାଇ, ସ୍ମୃତିରଞ୍ଜନ ନାୟକ, ସୁଶିଲ ଖଟୁଆ, ସୁନୀଲ ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସୁଭାଷଙ୍କ ପରି ସାହସୀ ହୁଅନ୍ତୁ ଆଜିର ଯୁବପିଢ଼ି

**ଜଗତ୍‌ସିଂହପୁର, ପାରାଦୀପ/ ଏରସମା/ ବାଲିକୁଦା, ୨୩।୧ (ପ୍ରମୋଦ କୁମାର ନାୟକ/ ଶରତ ରାଉତ/ ଦୀପ୍ତି ଖଣ୍ଡୁଆଳ/ ତାପସ ସ୍ୱାଇଁ)**



କଲେଜଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲାପାଳ, ପୌରାଧକ୍ଷା ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଆଜାଦ ହିନ୍ଦ ଫୌଜ୍‌ର ପ୍ରତିଷ୍ଠାତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଜେ. ସୋନାଲଙ୍କ ସମେତ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ଓ ପରିଷଦ ବରିଷ୍ଠ କିରାଣି ଦୀପକ ପଟ୍ଟନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟ ଓ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସର କର୍ମକର୍ତ୍ତା ଓ କର୍ମୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ, ନିରଞ୍ଜନ ମହାପାତ୍ର, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ଯୁବ ନେତା ମନୋଜ ମହାପାତ୍ର, ଆଶୀର୍ବାଦ ତ୍ରିପାଠୀ, ତ୍ରିପୁରେଶ୍ୱର ମଲ୍ଲିକ, ସୁକାନ୍ତ ମହାପାତ୍ର, ଉମେଶ ସ୍ୱାଇଁ, ପ୍ରଣବ ମହାପାତ୍ର, ଆର୍ତ୍ତତ୍ରାଣ ଦାସ, ସୁକାନ୍ତ ମହାପାତ୍ରଙ୍କ ସମେତ ଛାତ୍ର ଓ ଯୁବ କଂଗ୍ରେସର ଅନେକ କର୍ମକର୍ତ୍ତା ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନେତାଜୀ ୨୩ ଜାନୁଆରୀ ୧୮୯୭ରେ କଟକର ଓଡ଼ିଆ ବଜାରଠାରେ ଜନ୍ମ ଗ୍ରହଣ କରିଥିଲେ। ସେ କେବଳ ଭାରତ ନୁହେଁ, ସାରା ବିଶ୍ୱର ଜଣେ ବିସ୍ମୟ ବିଦ୍ରୋହୀ ସଂଗ୍ରାମୀ ନେତା ଭାବେ ପରିଚିତ ଥିଲେ। ଭାରତ ସରକାରଙ୍କ ପକ୍ଷରୁ ତାଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି।

ସେହିପରି ପାରାଦୀପ ବଡ଼ପଡିଆ ବସ୍‌ଷ୍ଟାଣ୍ଡ ଛକରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ ମେମୋରିଆଲ ଟ୍ରଷ୍ଟ ସଭାପତି ପବିତ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପଥପ୍ରାନ୍ତ ସଭାରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଶିକ୍ଷକ ନେତା ବାବୁରାମ ଚୌଧୁରୀ, ସବିତା ମହାପାତ୍ର, ସୁଶୀଳ ମହାପାତ୍ର, ବିଷ୍ଣୁ ମୁଦୁଲି ପ୍ରମୁଖ ନେତାଜୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ନେତାଜୀ ଭାରତର ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମ କରିଥିଲେ।ସେତେବେଳେ ତାଙ୍କର ସାହସ ଅଦମ୍ୟ ଥିଲା।ଆଜିର ଯୁବପିଢ଼ି ତାଙ୍କ ପରି ସାହସିକ ହୁଅନ୍ତୁ ବୋଲି ପୌରାଧକ୍ଷ ବିଶ୍ୱାଳ କହିଥିଲେ।

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ ପରିସରରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୁଭାଷ ଚନ୍ଦ୍ର

## ନେତାଜୀ ଜୟନ୍ତୀ ପାଳିତ

ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରବୀର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଚେତନ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରସନ୍ନ କୁମାର କୁଅଁର ଉପସ୍ଥିତ ହୋଇ ସୁଭାଷ ଚନ୍ଦ୍ର ବୋଷ ମୁକ୍ତି ସଂଗ୍ରାମର ଅନ୍ୟତମ ସାରଥୀ ବୋଲି କହିଥିଲେ। ଏଥିରେ ନିତ୍ୟାନନ୍ଦ ଦାସ, ରବି ଦାସ, ନରେନ୍ଦ୍ର କୁମାର ସ୍ୱାଇଁ, ନିବାରଣ ନାୟକ, ଶଶୀଭୂଷଣ ସ୍ୱାଇଁ, ଅମ୍ବିକା ପ୍ରସାଦ ମହାନ୍ତି, ଧ୍ୱଜରାଜ ଖଣ୍ଡୁଆଳ, ସୁରେଶ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ହୋଇ ନେତାଜୀଙ୍କ ଆଦର୍ଶ ଜୀବନ ଉପରେ ବକ୍ତବ୍ୟ ଦେଇଥିଲେ । ସଭା ପ୍ରାରମ୍ଭରେ ନେତାଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ସ୍ଥିତ ଦୁଆ ଆଦର୍ଶ ବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତା ଅଧକ୍ଷା ସଂଘମିତ୍ରା ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ପରିଚାଳନା କମିଟି ସଭ୍ୟ ଆଇନଜୀବୀ ଡ. ବୀର ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ବିଦ୍ୟାଳୟର ଅଜିତ ପ୍ରଧାନ, ସୁଧୀର କୁମାର ନାୟକ, ସୋହେଲ ଆଲାମ ଖାନ ସୌରଭ ଦାସ, ଜଗଦୀଶ ପ୍ରସାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଚ୍ଚରେ ଜିଲାସ୍ତରୀୟ ଯାଦବ ସମାବେଶ




ସମାବେଶରେ ଯୋଗଦେଇଥିବା ଯାଦବ ମହାସଭାର କର୍ମକର୍ତ୍ତା।

**ଜଗତ୍‌ସିଂହପୁର, ୨୩।୧ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା ଯାଦବ ମହାସଭା ପକ୍ଷରୁ ମାର୍ଚ୍ଚ ଶେଷ ସପ୍ତାହରେ ଏକ ଜିଲାସ୍ତରୀୟ ସମାବେଶ ହେବାକୁ ଯାଉଛି। ଜଗତ୍‌ସିଂହପୁର ଜିଲା ସଦର ମହକୁମାରେ ଆୟୋଜନ ହେବାକୁ ଯାଉଥିବା ଏହି ସମାବେଶରେ କେବଳ ଜିଲା ନୁହେଁ, ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମ ଅଳକା ଆଶ୍ରମ ସ୍ମୃତି ଭବନ ପରିସରରେ ଜିଲା ଯାଦବ ମହାସଭା ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମହାସଭା ସଭାପତି ଆଇନଜୀବୀ ନରେଶ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁକାନ୍ତ କୁମାର ଦାସ ବୈଠକର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସମାବେଶକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଜିଲାସ୍ତରରେ ୧୦ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଥିଲା। ଏହି ପ୍ରତିନିଧି ଦଳ ଆଗାମୀ ଏକ ମାସ ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ସମାବେଶ ସଫଳ କରିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବ। ଏମାନଙ୍କୁ ପ୍ରତି ବ୍ଲକର ଯାଦବ ନେତାମାନେ ସହଯୋଗ କରିବେ। ସମାବେଶକୁ ଓଡ଼ିଶା ବିଧାନସଭାର ଯାଦବ ବିଧାୟକମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବାର ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ପଞ୍ଚାୟତ, ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ଅଞ୍ଚଳର ଯାଦବ ଲୋକ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମାବେଶରେ ଧର୍ମାନନ୍ଦ ଦାସ, ବାବାଜୀ ଚରଣ ଦାସ, ଶଶିଭୂଷଣ ନାୟକ, ସୁବାସ ଚନ୍ଦ୍ର ବେହେରା, ଅଜୟ କୁମାର କାଠୁଆ, ଲକ୍ଷ୍ମୀଧର ବେହେରା, ସନ୍ତୋଷ ଦାସ, ଭାଗୀରଥି ଦାସ, ଦୀଲିପ ମହାକୁଡ଼, କୋଷାଧ୍ୟକ୍ଷ ପ୍ରଣବ କୁମାର ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, କମଳାକାନ୍ତ ପରିଡ଼ା ଓ ବାସୁଦେବ ଦାସ ପ୍ରମୁଖ ମତାମତ ପ୍ରଦାନ କରିଥିଲେ। ବୈଠକକୁ ଆଶିଷ କୁମାର ମାଣିଆ ପରିଚାଳନା କରିଥିବାବେଳେ ଜିଲାର ବିଭିନ୍ନ ବ୍ଲକ ଓ ପୌର ପରିଷଦରୁ ୫୦ରୁ ଅଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ମୃତ୍ତିକା ପରୀକ୍ଷଣକୁ ବିରୋଧ କରନାହିଁ: ଏମ୍‌ପି ବିଭୁ ପ୍ରସାଦ



କାର୍ଯ୍ୟକ୍ରମରେ ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ମଞ୍ଚାସୀନ ଅତିଥିମାନେ।

**କୁଜଙ୍ଗ, ୨୩।୧ (ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗଣ୍ଡକିପୁରସ୍ଥିତ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ମା'ବରୁଣେଇ କୃଷକ ଏକତା ମଞ୍ଚ ଫତେପୁର ପ୍ରତାପପୁର ତରଫରୁ ଗୁରୁବାର ସନ୍ଧ୍ୟାରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ଯୋଗଦେଇ କୃଷକଙ୍କ ସହ ସେ ସବୁବେଳେ ରହିଥିବା କହିଥିଲେ। କୃଷକଙ୍କ ସମସ୍ୟା ପାଇଁ ସେ ଲଢେଇ କରିବାକୁ ପ୍ରସ୍ତୁତ। ମାତ୍ର ପେଟ୍ରୋ କେମିକାଲ ପ୍ରକଳ୍ପ ପାଇଁ ଆବଶ୍ୟକ ୨୦୩୧ ଏକର ଜମିରୁ ପ୍ରତାପପୁର ଓ ଫତେପୁର ମୌଜାରୁ ପ୍ରାୟ ବ୍ୟକ୍ତିଗତ ଜମି ୭୨୨ ଏକର ଅଧିଗ୍ରହଣ କରାଯାଇଛି। ହେଲେ ଚାଷୀମାନେ ମୃତ୍ତିକା ପରୀକ୍ଷଣକୁ ବିରୋଧ ନ କରିବାକୁ ସେ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ, ଉକ୍ତ ଜମିର ବେଞ୍ଚ ମାର୍କ ମୂଲ୍ୟାଙ୍କନ ବାବଦରେ ଏକର ପିଛା ୧୩ ଲକ୍ଷ ଟଙ୍କା ଦିଆଯିବ ବୋଲି ସରକାର ଘୋଷଣା କରିଥିଲେ । ମାତ୍ର ଚାଷୀ କମିଟି ୨୦୧୩ ଜମି ଅଧିଗ୍ରହଣ ଓ ଥଇଥାନ ବିସ୍ଥାପନ ନୀତି ଅନୁଯାୟୀ କ୍ଷତି ପୂରଣ ଦାବି କରିଥିଲେ। ଏନେଇ ଚାଷୀ କମିଟି ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ଉଚ୍ଚ ନ୍ୟାୟାଳୟ ମଧ୍ୟ ୨୦୧୩ ନିୟମ ଅନୁଯାୟୀ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସରକାର ଏହି ନିର୍ଦ୍ଦେଶ ବିରୋଧରେ ଉଚ୍ଚନ୍ୟାୟାଳୟରେ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। କିଛି ଚାଷୀ ମଧ୍ୟ ୧୩ ଲକ୍ଷ ଟଙ୍କା ହିସାବରେ କ୍ଷତି ପୂରଣ ନେଇଛନ୍ତି। ଇତି ମଧ୍ୟରେ କମ୍ପାନୀ ପକ୍ଷରୁ କାରଖାନା ସ୍ଥାପନ ପୂର୍ବରୁ ମୃତ୍ତିକା ପରୀକ୍ଷଣ ପାଇଁ ଉଦ୍ୟମ ହୋଇଥିଲେ ବି ଚାଷୀ ମାନଙ୍କ ବିରୋଧ ଯୋଗୁ ତାହା ସମ୍ଭବ ହୋଇ ପାରୁନାହିଁ। ଏଭଳି ସ୍ଥିତିରେ ଏମ୍‌ପି ତରାଇ ମୃତ୍ତିକା ପରୀକ୍ଷଣ କିପରି ସୁରୁଖୁରୁରେ ହେବ ସେନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ଏନେଇ କିଛି ଚାଷୀ ଓ ମଞ୍ଚର ଉପଦେଷ୍ଟାଙ୍କୁ ନେଇ ସେ ସମାବେଶ କରିଛନ୍ତି। ଏହି ସମାବେଶରେ ମଞ୍ଚର ଉପଦେଷ୍ଟା ଡ. ସୁଧାଂଶୁ ଶେଖର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟ ଏକ ଭୂମିହରା କୃଷକ ଏକତା ମଞ୍ଚ ସଭାପତି ରବୀନ୍ଦ୍ର ମାଝୀ, ରାମଚନ୍ଦ୍ର ସାମଲ, ଅକ୍ଷୟ ବେହେରା, ରବୀନ୍ଦ୍ର ସାମଲ ଓ ଜୟଦେବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ , ମା' ବରୁଣେଇ କୃଷକ ଏକତା ମଞ୍ଚ ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାଙ୍କ ସମେତ ବହୁ ଚାଷୀ ଅନୁପସ୍ଥିତ ଥିଲେ। ଏ ସମ୍ପର୍କରେ ମଞ୍ଚ ସଭାପତି ସଂଗ୍ରାମ ରାଉତରାୟ, ସମ୍ପାଦକ ଅଭୟ ସାମଲଙ୍କୁ ପଚାରିବାରେ ସେ ଆଜିର ସମାବେଶ ସମ୍ପର୍କରେ କିଛି ଜାଣି ନାହାନ୍ତି।

# ଫାଇନାଲରେ ନିମପୁର କଟକ

**କୁଜଙ୍ଗ, ୨୩।୧ (ମନୋଜ ପ୍ରଧାନ)**

## ସମୀର ଓ ସୁଶୀଳ ସ୍ମାରକୀ କ୍ରିକେଟ

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବୁଢ଼ୀ ଜାଡୁଆଣୀ ଯୁବକ ସଂଘ ଜଗତୀ ଆନୁକୂଲ୍ୟରେ ଅନୁଷ୍ଠିତ ସମୀର ଓ ସୁଶୀଳ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶହୀଦ ସ୍ପୋର୍ଟିଂ ଭୁବନେଶ୍ୱର ଓ ନିମପୁର କଟକ ମଧ୍ୟରେ ହୋଇଥିଲା। ଟସ୍ ଜିତି ପ୍ରଥମେ ଶହିଦ ସ୍ପୋର୍ଟିଂ ଭୁବନେଶ୍ୱର ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ଜବାବରେ ନିମପୁର କଟକ ୧୯ ଓଭରରେ ୨୨୨ ରନ କରି ୮ ଉଇକେଟ୍‌ରେ ବିଜୟ ହୋଇଛି। ଅନିଲ ସାହୁ ୪୫ ବଲରେ ୯୦ ରନ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ସଞ୍ଜୟ ପ୍ରଧାନ ଓ ଅନୁପ ରାଉତ ମ୍ୟାଚ ପରିଚାଳନା କରିଥିଲେ। ଲକ୍ଷ୍ମୀକାନ୍ତ ଦାସ ଧାରାବିବରଣୀ ଦେଇଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ରମେଶ ସାମଲ, ସମ୍ମାନିତ ଅତିଥି ଭାବେ ସତ୍ୟଶିବ ପରିଡା, ସାମାଜିକ କର୍ମୀ ସମରେନ୍ଦ୍ର ମହାପାତ୍ର ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

**ପାରାଦୀପ, ୨୩।୧ (ଶରତ ରାଉତ)**

## ଭାଗ ନେଲେ ୧୦ ବିଦ୍ୟାଳୟର ୧୦୦ ପ୍ରତିଯୋଗୀ

ପାରାଦୀପ ମଧୁବନ କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁବାର ପରୀକ୍ଷା ପେ ଚର୍ଚ୍ଚା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ନୋଡାଲ ବିଦ୍ୟାଳୟ ଭାବେ ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ଚୟନ କରାଯାଇଥିଲା। ଏଥିରେ ଜିଲାର ୧୦ଟି ବିଦ୍ୟାଳୟର ୧୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଗୁଡିକ ହେଲା କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପ ଓ ଜଗତସିଂହପୁର, ଡିଏଭି ପିପିଏଲ୍, ଇଫ୍‌କୋ ଏବଂ ପାରାଦୀପ, ଡିପିଏସ ପାରାଦୀପ ରିଫାଇନାରୀ, ନବୋଦୟ ବିଦ୍ୟାଳୟ ରାହାମା, ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ଏନ୍‌ଏସି ହାଇସ୍କୁଲ ଓ ସଞ୍ଜୟଗାନ୍ଧୀ ହାଇସ୍କୁଲ। ଏହାକୁ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ପଙ୍କଜ ବାର୍ଷ୍ଣେୟ ଉଦ୍‌ଘାଟନ କରିଥିଲେ । ପ୍ରଶ୍ନୋତ୍ତର ଶେଷରେ ୩ ଜଣ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲେ। ସେମାନେ ହେଲେ ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ଆଦାଶ୍ୟା ତ୍ରିପାଠୀ, ଇଫ୍‌କୋ ଡିଏଭିର ଜୟକୁମାର ସାହାଣୀ ଓ ବିଶ୍ୱରୂପ ନନ୍ଦ। କାର୍ଯ୍ୟକ୍ରମ ଶେଷରେ ଅଧକ୍ଷ ବାର୍ଷ୍ଣେୟ ପିଲାମାନଙ୍କୁ ପରୀକ୍ଷା ସମୟରେ ଚାପମୁକ୍ତ ହେବା ସହ ସକାରାତ୍ମକ ଭାବନା ମନରେ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଭିଷେକ ରାୟ, ବନ୍ଧମାତା ସାହୁ, ଏସ.କେ ତ୍ରିପାଠୀ, ରୋଜାଲିନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ନକ୍ସା ବଦଳାଇବାକୁ ଦାବିକଲା ଭାଜପା



**ଆଳି, ୨୩।୧ (ବନମାଳୀ ସେନାପତି)**

## ଆଳି ଫୁଟ୍‌ବଲ ଏକାଡେମୀକୁ ନେଇ ବିବାଦମାନ ସ୍ଥିତି

ଦିନକୁ ଦିନ ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ନିର୍ମାଣାଧୀନ ଫୁଟ୍‌ବଲ ଏକାଡେମୀକୁ ନେଇ ବିବାଦୀୟ ପରିସ୍ଥିତ ସୃଷ୍ଟି ହେଉଛି। ବୁଧବାର ଆଳିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଖବରଦାତା ସମ୍ମିଳନୀ ଡାକି ଆଳି ଫୁଟବଲ ଏକାଡେମୀ ନିର୍ମାଣ କାର୍ଯ୍ୟ ବନ୍ଦ କରା ନ ଯାଉ। ଏହା ହେଲେ ଆଳିର କ୍ରୀଡ଼ାପ୍ରେମୀମାନଙ୍କୁ ଅନେକ ଆଘାତ ଲାଗିବ। ଆଳି ଖେଳ ଓ ଖେଳାଳିଙ୍କ ପାଇଁ ବଡ଼ କ୍ଷତି ହେବ। ଯାହା ଭବିଷ୍ୟତରେ କେବେ ପୂରଣ କରାଯାଇପାରିବ ନାହିଁ। ଏଠାରେ ସମସ୍ତ ଖେଳ ଖେଳିବାର ସୁଯୋଗ ରହିଛି ବୋଲି କହିଥିଲେ। ଏହାର ଦିନକ ପରେ ଗୁରୁବାର ଭାଜପା ପକ୍ଷରୁ ଗତ ନିର୍ବାଚନର ଭାଜପାର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ଏକ ଖବରଦାତା ସମ୍ମିଳନୀ ଡାକି ଏହି ଏକାଡେମୀର ନକ୍ସା ପରିବର୍ତ୍ତନ କରାଯିବାକୁ ଦାବି କରିଛନ୍ତି। ଯେଉଁ ଭଳି ଭାବରେ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ମଧ୍ୟ ଭାଗରେ ଏକାଡେମୀ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ହେବା ପରେ ଆଉ କୌଣସି ଖେଳ ସେଠାରେ ହୋଇପାରିବ ନାହିଁ। ବିଦ୍ୟାଳୟର ସାଢ଼େ ୮ ଏକର ଜାଗାରେ ବିଦ୍ୟାଳୟ ଅଧିକାରକୁ ଛାଡ଼ି ଦେଲେ ଯାହା ଜାଗା ରହିଛି ସେଥିମଧ୍ୟରୁ ଯେତିକି ସ୍ଥାନରେ ଏକାଡେମୀ ନିର୍ମାଣ ଚାଲୁଛି ତାହା ଠିକ୍ ନୁହେଁ। ସେ ଆହୁରି ମଧ୍ୟ କହିଥିଲେ, ଆମେ ଫୁଟବଲ୍ ଏକାଡେମୀ ନିର୍ମାଣକୁ ବିରୋଧ କରୁନାହୁଁ, କିନ୍ତୁ ଏକାଡେମୀ ନାମରେ ପଡ଼ିଆ ମଝିରେ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି ତାହାକୁ ବିରୋଧ କରୁଛୁ। ତେଣୁ ନିର୍ମାଣ ସ୍ଥଳର ନକ୍ସା ପରିବର୍ତ୍ତନ କରାଯାଇ ଏହି କାର୍ଯ୍ୟ କରାଯାଉ ନଚେତ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ଏହା ନିର୍ମାଣ ପରେ କ୍ରିକେଟ୍ ଖେଳିବା ପାଇଁ ଆଉ ସ୍ଥାନ ନାହିଁ। ଯେଉଁ ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ପ୍ରତ୍ୟକ ବର୍ଷ ଟୁର୍ନାମେଣ୍ଟ ହୁଏ ତାହା ବନ୍ଦ ହୋଇଯିବ। ଏଭଳି ଘଟଣା ପରେ ଏକାଡେମୀର ଭବିଷ୍ୟତ କ'ଣ ହେବ ସେ ନେଇ ଆଳି ଜନସାଧାରଣ ଆଶଙ୍କାରେ ରହିଛନ୍ତି। ସମ୍ମିଳନୀରେ ବୈଦ୍ୟନାଥ ମହାନ୍ତି, କରୁଣାକର ତ୍ରିପାଠୀ, ଅନନ୍ତ ରଥ, ବରାହ ପଣ୍ଡା, ତପନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ନିରାଶ କରନି, ବଳକା ଧାନ ସଂଗ୍ରହ କର

**ଜଗତ୍‌ସିଂହପୁର, ୨୩।୧ (ପ୍ରମୋଦ କୁମାର ନାୟକ)**

## ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବି

ଚଳିତବର୍ଷ ଖରିଫଋତୁରେ ରାଜ୍ୟ ସରକାର ଚାଷୀମାନଙ୍କଠାରୁ ସମସ୍ତ ବଳକା ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି। ଧାନର କୁଇଣ୍ଟାଲ ପ୍ରତି ସ୍ଥିରିକୃତ ସହାୟକ ମୂଲ୍ୟ ସହ ବୋନସ ୮୦୦, ଏହିପରି ଚାଷୀଙ୍କୁ ୩୧୦୦ ଟଙ୍କା ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ବାସ୍ତବରେ କିନ୍ତୁ ସରକାରଙ୍କ ଏହି ନିଷ୍ପତ୍ତି ଜଗତ୍‌ସିଂହପୁର ଜିଲାରେ ପୂର୍ଣ୍ଣଭାବେ କାର୍ଯ୍ୟକାରୀ ହୋଇନାହିଁ। ଅର୍ଥାତ୍ ଠିକ୍ ଭାବେ ଧାନ ସଂଗ୍ରହ ପରିବର୍ତ୍ତେ ସରକାରୀ ନୀତି ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଛି ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜଗତ୍‌ସିଂହପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ କୁହାଯାଇଥିଲା, ୨୦୨୪ ନଭେମ୍ବରରେ ହୋଇଥିବା ଜିଲା ଧାନ ସଂଗ୍ରହ କମିଟି ବୈଠକରେ କେତେକ ପ୍ରସଙ୍ଗ ଉଠାଯାଇଥିଲା। କମିଟି ଅଧ୍ୟକ୍ଷ ତଥା ଜିଲାପାଳଙ୍କ ମାଧ୍ୟମରେ ସରକାର, ପ୍ରଶାସନକୁ ଧାନ ସଂଗ୍ରହ କ୍ଷେତ୍ରରେ ଉପୁଜୁଥିବା ଅନିୟମିତତା ସମ୍ପର୍କରେ ଅବଗତ କରାଇବା ସହ ୭ ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ନ୍ୟାୟ ମିଳିଲା ନାହିଁ। ଧାନ ପଞ୍ଜିକରଣ ସମୟରେ ଚାଷୀମାନେ ସେମାନଙ୍କ ବଳକା ଧାନ ବିକ୍ରି ପାଇଁ ଜମିଜମା ତଥ୍ୟ ଦେଇଥିଲେ। ଧାନ ସଂଗ୍ରହ କେନ୍ଦ୍ର (ପିପିସି)ଗୁଡ଼ିକରେ ଏହା ଦାଖଲ କରିଥିଲେ। ଦୁଃଖର କଥା ହେଲା ବିକ୍ରିଯୋଗ୍ୟ ଜମିର ବୈଧତା ଅନୁଯାୟୀ ସମ୍ପୃକ୍ତ ଚାଷୀଙ୍କୁ ପ୍ରାପ୍ତିସ୍ୱିକାର ମିଳୁନାହିଁ। ଏପରି କି ବିକ୍ରି ପାଇଁ ଥିବା ଧାନ ପରିମାଣର ଟୋକନ୍ ମଧ୍ୟ ଦିଆଯାଉନାହିଁ। ଏନେଇ ଅଭିଯୋଗ ସହାୟତା କେନ୍ଦ୍ର ୧୯୬୭ରେ ଅଭିଯୋଗ ସତ୍ତ୍ୱେ ପ୍ରତିକାର ହେଉନାହିଁ। ଏହାର ଦୃଷ୍ଟାନ୍ତ ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପାକ୍ସ/ଧାନମଣ୍ଡି ଅଧୀନରେ ଦେଖିବାକୁ ମିଳିଛି। ବଳିରାମ ସ୍ୱାଇଁ ନାମକ ଚାଷୀ ପଞ୍ଜିକରଣ ପାଇଁ ୪ ଏକରରୁ ଅଧିକ ଜମିଥିବା ଦର୍ଶାଇଛନ୍ତି। ତାଙ୍କୁ ୨୫୨୮୮୮ ନମ୍ବର ଟୋକନ ଦିଆଯାଇଛି। ସେ ୬ କୁଇଣ୍ଟାଲ ୧୩ କିଲୋଗ୍ରାମ ଧାନ ବିକ୍ରି କରିପାରିବେ ବୋଲି ସୂଚନା ଆସିଛି। ଟୋକନ ଅବଧି ୮ ଫେବ୍ରୁଆରୀରୁ ୯ ମାର୍ଚ୍ଚ ଭିତରେ ଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସେ ଧାନ ବିକ୍ରି କରିପାରୁନାହାନ୍ତି। ସେହିପରି ବାଲିକୁଦା ବ୍ଲକ ନହରଣା ଧାନ ସଂଗ୍ରହ କେନ୍ଦ୍ରର ସରୋଜ ମହାନ୍ତିଙ୍କ ପରିଚୟ ସଂଖ୍ୟା ହେଉଛି ୮୧୨୦୧୦୦୦୨୩୮୪। ସେ ଦାଖଲ କରିଥିବା ଜମି ପରିମାଣ ୭ ଏକର। କିନ୍ତୁ ତାଙ୍କୁ ଏ ପର୍ଯ୍ୟନ୍ତ ଟୋକନ ମିଳିପାରିନାହିଁ। ଏତିକି ନୁହେଁ, ଏହିଭଳି ଅନେକ ଚାଷୀ ଅସୁବିଧାରେ ଅଛନ୍ତି। ପ୍ରତିକାର ନ ହେଲେ ସମସ୍ୟା ବଢ଼ିବ ବୋଲି ସଙ୍ଗଠନ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ସଙ୍ଗଠନ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ, ଅଶୋକ ସ୍ୱାଇଁ, ଅସଗର ଅଲ୍ଲୀ ଅହମ୍ମଦ, ବାବାଜୀ ଜେନା, ବିଜୟ ମହାପାତ୍ର, ଦେବଦତ୍ତ ସାହୁ, ଜୟପ୍ରକାଶ ମହାନ୍ତିଙ୍କ ସମେତ ଅନ୍ୟମାନେ କହିଥିଲେ, ଏଣିକି ଆଉ ଚାଷୀଙ୍କ ଧାନ କାଟ ହେବ ନାହିଁ । ମିଲର ମଣ୍ଡିକୁ ଆସିବେ ନାହିଁ । ବ୍ୟବସ୍ଥା ସ୍ୱଚ୍ଛ ହେବାସହ ଉତ୍ତରଦାୟୀ ରହିବ। ଚାଷୀଙ୍କୁ ନ୍ୟାୟ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କ୍ୟାବିନେଟ୍‌ରେ ଘୋଷଣା କରିଥିଲେ। କିନ୍ତୁ କିଛି ହେଉନାହିଁ । ଏ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣର ଝୋଟ ଅଖା ଚାଷୀଙ୍କୁ ଯୋଗାଇ ଦିଆଗଲା ନାହିଁ । ବରଂ ଚାଷୀ ଜରି ଅଖା ପିଛା ୧୫ ଟଙ୍କାରେ କିଣୁଥିବାରୁ ଅସୁବିଧା ହେଉଥିବା ସଙ୍ଗଠନ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଛି ।




ବୈଠକରେ ଯୋଗଦେଇଥିବା ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା।

# ନାରାୟଣୀଙ୍କ ପୋଖରୀ ପ୍ରଦୂଷିତ

**ଖଣ୍ଡପଡ଼ା, ୨୩।୧ (ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ଗ୍ରାମ ନିକଟ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ମା' ନାରାୟଣୀ ପୀଠର ପୁଷ୍କରିଣୀ ଏବେ ପ୍ରଦୂଷିତ ଓ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ମା'ନାରାୟଣୀଙ୍କ ମନ୍ଦିର ସାମନାରେ ରହିଥିବା ପୁଷ୍କରିଣୀର ପାଣିକୁ ପୂଜା କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବେଳେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ସେହି ପାଣିକୁ ସିଧାସଳଖ ପାନୀୟ ଜଳ ଭାବେ ବ୍ୟବହାର କରିଥାନ୍ତି । ବିଭିନ୍ନ ସମୟରେ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏହି ପାଣିକୁ ରୋଷେଇ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ଏହି ପବିତ୍ର ପୋଖରୀର ଅନ୍ୟ ଏକ ମହାତ୍ମ୍ୟ ରହିଛି । ଭକ୍ତିମତୀ ବନ୍ଧ୍ୟା ନାରୀମାନେ ସଂକଳ୍ପ କରି ମା' ନାରାୟଣୀଙ୍କ ହୁକୁମ ପାଇ ଏଠାରେ ସ୍ନାନ କରି ଏଥି ମଧ୍ୟରୁ ଏକ ପଥର ଆଣି ମନ୍ଦିର ପରିସରରେ ରଖିଲେ ସେମାନଙ୍କର ଗର୍ଭ ଧାରଣ ହେବା ସହ ଅନ୍ୟାନ୍ୟ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହାର ଅନେକ ନଜିର ମଧ୍ୟ ରହିଛି । ସମ୍ପ୍ରତି ଉକ୍ତ ପୋଖରୀ ବିଭିନ୍ନ ଦଳରେ ପରିପୂର୍ଣ୍ଣ ରହିଥିବା ବେଳେ ପୋଖରୀ ଚାରି ପାଖରେ ଅଁଇଠା ଖଲିପତ୍ର, ପଲିଥିନ, ପତ୍ର, ଠୁଙ୍ଗା ଆଦି ପଡ଼ି ରହିଛି । ସେହି ବର୍ଜ୍ୟବସ୍ତୁ ପବନରେ ଉଡି ପୋଖରୀ ପଡ଼ି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁମାନେ ପ୍ରଦୂଷିତ ପୋଖରୀ ଜାଣି ମଧ୍ୟ ସେହି ପାଣିକୁ ବ୍ୟବହାର କରୁଛନ୍ତି । ପରିତ୍ୟକ୍ତ ହୋଇଥିବା ପୋଖରୀକୁ ସଫା କରିବା ଓ ପଙ୍କ ଉଦ୍ଧାର ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣି ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଉକ୍ତ ପୁଷ୍କରିଣୀର ରକ୍ଷଣାବେକ୍ଷଣ ଦାୟିତ୍ୱ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ରହିଛି । ପୋଖରୀର ସୁରକ୍ଷା କିମ୍ବା ବିକାଶ ଦିଗରେ ସେପରି ଆଖିଦୃଶିଆ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହେଉଛି । ପୋଖରୀ ରାସ୍ତା ପତନଠାରୁ ତଳେ ରହିଥିବାରୁ ବିଭିନ୍ନ ସମୟରେ ବାହାର ଅଳିଆ ଆବର୍ଜନା ଉଡି ପୋଖରୀରେ ପଡୁଛି । ବର୍ଷା ସମୟରେ ବି ପୋଖରୀରେ ଆବର୍ଜନା ପାଣି ପ୍ରବେଶ କରି ପ୍ରଦୂଷିତ କରୁଛି । ଗତ ୨ବର୍ଷ ପୂର୍ବରୁ ଏହି ପୋଖରୀକୁ ସଫା କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଆବର୍ଜନାରେ ଭରି ରହିଛି ।



# ସିପିଏମ୍ ତରଫରୁ ନେତାଜୀ ଜୟନ୍ତୀ



**ରଣପୁର, ୨୩।୧ (ସୁକାନ୍ତ କିଶୋର ଡାକୁଆ)**

ସିପିଏମ୍ ରଣପୁର ଆଞ୍ଚଳିକ କମିଟି ତରଫରୁ ଶହୀଦ ରଘୁ-ଦିବାକର ଭବନଠାରେ ଗୁରୁବାର ନିତ୍ୟାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନେତାଜୀଙ୍କ ବୀରତ୍ୱ, ପରାକ୍ରମ, ତ୍ୟାଗ, ସଂଗ୍ରାମ ଓ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲାଠିର ଜବାବ୍ ଲାଠିରେ ଦିଅ ଓ ମୋତେ ରକ୍ତ ଦିଅ ମୁଁ ସ୍ୱାଧୀନତା ଦେବି ଭଳି ନେତାଜୀ ଆହ୍ୱାନ ଦେଇଥିଲେ ବୋଲି ବକ୍ତାମାନେ କହିଥିଲେ। ବିଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ଦେଇ ସବୁ ସମ୍ପ୍ରଦାୟଙ୍କୁ ଏକାଠି କରି ଏକ ସ୍ୱାଧୀନ ସମାଜବାଦୀ ରାଷ୍ଟ୍ର ଓ ଶୋଷଣ ବିହୀନ ସମାଜ ଗଠନ କରିବା ପାଇଁ ସାଲିସହୀନ ସଂଗ୍ରାମର ସେ ଥିଲେ ଆଲୋକ ବର୍ତ୍ତିକା ବୋଲି ଆଲୋଚନାରେ ଭାଗନେଇ ଶ୍ରମିକ ନେତା ସୁରେଶ ସ୍ୱାଇଁ, କୃଷକ ନେତା ନିତ୍ୟାନନ୍ଦ ପରିଡ଼ା, ଦୁଃଶାସନ ଜେନା, ସବ୍ୟସାଚୀ ସେନାପତି, ଗଦାଧର ପ୍ରଧାନ, ବିପ୍ଳବ ମିଶ୍ର ଓ ଛାତ୍ରୀ ସୁଇଟି ପରିଡ଼ା ପ୍ରମୁଖ ମତବ୍ୟକ୍ତ କରିଥିଲେ ।

# ସାଧାରଣତନ୍ତ୍ର ଦିବସ ପାଇଁ ତହସିଲସ୍ତରୀୟ ପ୍ରତିଯୋଗିତା

**ଖଣ୍ଡପଡ଼ା, ୨୩।୧ (ଅଜୟ କୁମାର ମହାରଣା)**

ସାଧାରଣତନ୍ତ୍ର ଦିବସ ପାଇଁ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ତହସିଲସ୍ତରୀୟ ପ୍ରବନ୍ଧ ପ୍ରତିଯୋଗୀତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ସାଢେ ୧୧ଟାରେ ତହସିଲ ଅନ୍ତର୍ଗତ ମହାବିଦ୍ୟାଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରେରିତ ୨୪ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗୀତାର ଯୋଗଦେଇଥିଲେ । ପଠାଣି ସାମନ୍ତ ମହାବିଦ୍ୟାଳୟ, (ଯୁକ୍ତ୨ ଓ ଯୁକ୍ତ ୩) ମହିଳା ମହାବିଦ୍ୟାଳୟ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ଆବାସିକ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ଡ. ଅଜିତ ବସନ୍ତରାୟ, ଆଇନଜୀବୀ ବିକ୍ରମ କେଶରୀ ଦେଓ, ତହସିଲ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ କିଶୋର ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜୁନିୟର ଓ ସିନିୟର ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ସମ୍ମାନୀତ କରାଯିବ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ପ୍ରତିନିଧି ଦଳ


ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ପ୍ରତିନିଧି ଦଳ।

**ଶରଣକୁଳ, ୨୩।୧ (ଦୀପକ କର)**

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କାୟାକଳ୍ପ ପ୍ରତିନିଧି ଦଳ ଗୁରୁବାର ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହିଦଳର ପ୍ରତିନିଧିମାନେ ବିଭିନ୍ନ ବିଭାଗର କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ସବୁ ବିଭାଗରେ ରେକର୍ଡ ଓ ରେଜିଷ୍ଟ୍ରର ଯାଞ୍ଚ କରିଛନ୍ତି । ଡ.ସନ୍ଦୀପନା ପତି, ଡ.ସନ୍ଧ୍ୟାରାଣୀ ରାଉତ, ଡ.ରଶ୍ମୀ ଦାଶଙ୍କ ନେତୃତ୍ୱରେ ଆସିଥିବା ଏହି ୩ ଜଣିଆ ପ୍ରତିନିଧି ପ୍ରଥମେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସରେ ପ୍ରକୋଷ୍ଠ, ଆନ୍ତଃ ଚିକିତ୍ସା କେନ୍ଦ୍ର, ବର୍ହିଃ ଚିକିତ୍ସା କେନ୍ଦ୍ର, ନିଦାନ ଗୃହ କେନ୍ଦ୍ର, ପ୍ରସୂତି ବିଭାଗ ଗୃହ, ଅସ୍ତ୍ରୋପ୍ରଚାର ଗୃହ, ଲାବ୍ରୋଟୋରି ଗୃହ, ସାଧାରଣ ରୋଗୀ ପ୍ରକୋଷ୍ଠ, ନିରାମୟ ଯୋଜନାର ଔଷଧ ବିତରଣ କେନ୍ଦ୍ର, କିଶୋରୀ ବାଳିକାଙ୍କ ପାଇଁ ଉର୍ଦ୍ଦିଷ୍ଟ ଶ୍ରଦ୍ଧା କ୍ଲିନିକ, ଆୟୁଷ କେନ୍ଦ୍ର ଇତ୍ୟାଦି ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଓ ପରିମଳ ଉପରେ ଏହି ପ୍ରତିନିଧି ଦଳ ନିରୀକ୍ଷଣ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତାପସ ରଞ୍ଜନ ସେନାପତି, ଡ. ଅଭିଲାଷ ସାହୁ, ଡ.ଶିବାଶିଷ ବରା ଡ. ସୌମ୍ୟଶ୍ରୀ ନାୟକ, ଡ. ବିକାଶ ପତି, ଆୟୁଷ ଡ. ମିନାକ୍ଷୀ ପଟ୍ଟନାୟକ, ଇପ୍ସିତା ଦାଶ (ବିପିଏମ), ସୁନିତ ନନ୍ଦ (ବିଡିଏମ), ଭାସ୍କର ମହାପାତ୍ର (ସ୍ୱାସ୍ଥ୍ୟ ପରିଦର୍ଶକ), ବିନୋଦିନୀ ପ୍ରଧାନ (ଷ୍ଟାପ ନର୍ସ), ଆଟେଣ୍ଡାଟ ଭୀମସେନ ରାଉତ ଓ ସିମେଶ୍ୱର ଜେନା, ମେଡ଼ିସିନ ଷ୍ଟୋର ଫାର୍ମାସିଷ୍ଟ ସୁନାକର ପ୍ରଧାନ, ପ୍ରମୋଦ କୁମାର ନାଏକ (ଡ଼ିଡ଼ିସି ମ୍ୟାନେଜର)ଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜୟନ୍ତୀ

**ନୟାଗଡ଼, ୨୩।୧ (ଲୋକନାଥ ମିଶ୍ର)**

ଓଡ଼ିଶାର ଦୁଇ ବରପୁତ୍ର ତଥା ମହାନ ସଂଗ୍ରାମୀ, ଭାରତୀୟ ସାଧୀନତା ସଂଗ୍ରାମର ଅଗ୍ରଦୂତ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ନୟାଗଡ଼ର ପୂଜ୍ୟପୂଜା ସଙ୍ଗଠନ ଓ ସିଭିଲ ସୋସାଇଟି ତରଫରୁ ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଙ୍ଗଠନର ସଭାପତି ପ୍ରସନ୍ନ କୁମାର ବସନ୍ତିଆ ଏବଂ ସିଭିଲ ସୋସାଇଟିର ସଭାପତି ଗୋଦାବରୀଶ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧୀରେନ୍ଦ୍ର ପଟ୍ଟନାୟକ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ୨ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସଭା ଆରମ୍ଭ ହୋଇଥିଲା। ଏହି ଅବସରରେ ଖବରଦାତା ରାମକୃଷ୍ଣ ରଥ, ପୂଜ୍ୟପୂଜା ସଙ୍ଗଠନର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଶିକ୍ଷାବିତ୍ ନିରଞ୍ଜନ ମିଶ୍ର ଓ ଶ୍ରୀଧର ସାହୁ ପ୍ରମୁଖ ୨ ସଂଗ୍ରାମୀଙ୍କ ଜୀବନୀ, ବିପ୍ଳବ ଓ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ସିଭିଲ ସୋସାଇଟିର ବରିଷ୍ଠ ସଦସ୍ୟ ଭଗବତୀ ଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ଜୟନ୍ତୀ ସଭାରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ଶାଳଝରିଆରେ ଧାନମଣ୍ଡି ଉଦ୍‌ଘାଟିତ

**ଖଣ୍ଡପଡ଼ା, ୨୩।୧ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶାଳଝରିଆ ସେବା ସମବାୟ ସମିତି କାର୍ଯ୍ୟାଳୟରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସମ୍ପାଦକ ଚକ୍ରଧର ସାହୁ, ସଭାପତି ଗୋପାଳ କୃଷ୍ଣ ପଣ୍ଡା ଓ ନୟାଗଡ଼ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ପ୍ରଭାତ କୁମାର ମହାନ୍ତ ଓ ସ୍ଥାନୀୟ ଚାଷୀମାନଙ୍କ ଉପସ୍ଥିତିରେ କଣ୍ଟାପଲା ପୂଜାର୍ଚ୍ଚନା କରାଯାଇ ଧାନକ୍ରୟ ଆରମ୍ଭ କରାଯାଇଥିଲା। ଚଳିତବର୍ଷ ଶାଳଝରିଆ ସେବା ସମବାୟ ସମିତି ଅଧୀନରେ ୩୮୨ ଜଣ ଚାଷୀ ଧାନ ବିକ୍ରୀ କରିବା ନିମନ୍ତେ ନାମ ପଞ୍ଜୀକରଣ କରିଥିବା ବେଳେ ନୟାଗଡ଼ ଜିଲାର ଶୁକଳଗାଡ଼ିଆସ୍ଥିତ ମା'କାଉଁରୀ ମିଲର କର୍ତ୍ତୃପକ୍ଷ ସେଠାରୁ ଧାନ ସଂଗ୍ରହ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ସମବାୟ ସମିତିର ସମ୍ପାଦକଙ୍କଠାରୁ ପ୍ରକାଶ। ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କଠାରୁ ସର୍ବମୋଟ ୯୨୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ପ୍ରଶାସନ ସୁତ୍ରରୁ ଜଣାପଡ଼ିଛି।

# ବ୍ଲକସ୍ତରୀୟ ଆମ୍ବେଡ଼କର ସେବକ ସଂଘ କମିଟି ଗଠିତ


ଆମ୍ବେଡକର ସେବକ ସଂଘର କର୍ମକର୍ତ୍ତା।

**ନୟାଗଡ଼, ୨୩।୧ (ଲୋକନାଥ ମିଶ୍ର)**

ଡ.ଭୀମରାଓ ରାମଜୀ ଆମ୍ବେଡ଼କର ସେବକ ସଂଘ ଓଡ଼ିଶାର ରାଜ୍ୟ ସମ୍ପାଦକ କ୍ଷୀରୋଦ କୁମାର ନାୟକଙ୍କ ନେତୃତ୍ୱରେ ବାଲୁଗାଁସ୍ଥିତ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ନୟାଗଡ଼ ଜିଲା ସଦର ବ୍ଲକ କମିଟି ଗଠନ କରାଯାଇଛି। ଛାଟିଆ ନାୟକଙ୍କୁ ସଭାପତି, ରାମଚନ୍ଦ୍ର ନାୟକଙ୍କୁ ସମ୍ପାଦକ ଓ ପ୍ରକାଶ ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ସଭାରେ ସନାତନ ନାୟକ, ଆର୍ତ୍ତବନ୍ଧୁ ନାୟକ, ପ୍ରଭାତ ନାୟକ, ଚନ୍ଦ୍ରମଣି ନାୟକ, ରାଉଳ ନାୟକ, ଗୁନା ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ସହଦେବ ନାୟକ, କୈଳାସ ନାୟକ, ଓ ପ୍ୟାରୀ ନାୟକ ପ୍ରମୁକ ଯୋଗଦେଇଥିଲେ । ବାବାସାହେବ ଆମ୍ବେଡ଼କର ଲେଖିଯାଇଥିବା ସମ୍ବିଧାନ ସମ୍ପର୍କରେ, ଦଳିତ ସମାଜ ପାଇଁ ଥିବା ଆଇନ ପ୍ରଣୟନ ଓ ମିଳୁଥିବା ସୁବିଧା ସୁଯୋଗ ବିଷୟରେ କ୍ଷୀରୋଦ କୁମାର ନାୟକ ଆଲୋଚନା କରିଥିଲେ । ସଭାରେ ସମସ୍ତ ସଦସ୍ୟ ସଂକଳ୍ପ ମଧ୍ୟ ନେଇଥିଲେ ପ୍ରତି ଗ୍ରାମକୁ ସଚେତନ କରେଇବା ପାଇଁ ଏବଂ ସୁବିଧା ଅସୁବିଧାରେ ପାଖରେ ଯାଇ ଠିଆ ହେବେ । ଏଥିରେ ନୟାଗଡ଼ ଜିଲାର ଚରଣ ନାହାକ, ଶାନ୍ତନୁ ନାୟକ, ରଞ୍ଜନ ନାୟକ ସହଯୋଗ କରିଥିଲେ । ବୈଠକକୁ ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୈତାରୀ ନାୟକ ଆୟୋଜନ କରିଥିଲା ବେଳେ ନୟାଗଡ଼ ଜିଲା ସଦର ବ୍ଲକର ସଭାପତି ଛାଟିଆ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାପୁଜୀ ସେବାସଂଘରେ ନେତାଜୀ ଜୟନ୍ତୀ

**ଶରଣକୁଳ, ୨୩।୧ (ଦୀପକ କର)**

ଶରଣକୁଳ ବାପୁଜୀ ସେବାସଂଘରେ ଗୁରୁବାର ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେତାଜୀଙ୍କ ଫଟୋଚିତ୍ରରେ ମୁଖ୍ୟଅତିଥି ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ମାଲ୍ୟାର୍ପଣ କରିଥିଲେ। ପରେ ଅତିଥିମାନେ ନେତାଜୀଙ୍କ ବଳିଦାନ ଓ ବୀରତ୍ୱର ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପ୍ରଧାନ, ପବିତ୍ର ଇନ୍ଦ୍ରଜିତ୍, ରୁଷିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।




# ଫାଇନାଲରେ ଅଭିମାନପୁର ଦଳ

## ପ୍ରୀୟାଂଶିଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଖଣ୍ଡପଡ଼ା, ୨୩।୧ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଅଭିମାନପୁର କ୍ରିକେଟ କ୍ଲବ ଭୋଗଡା କ୍ରିକେଟ ଟିମ୍‌କୁ ୧୭୯ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଅଭିମାନପୁର ଦଳ ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ୯ ଉଇକେଟ ହରାଇ ୩୦୧ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଭୋଗଡା ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରି ପରାଜିତ ହୋଇଛି । ବିଜୟୀ ଦଳର ବିଶ୍ୱଜିତ ସାହୁ ୧୯ଟି ବଲରେ ୭୭ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଈଶ୍ୱର ଚନ୍ଦ୍ର ରାଉତ ଓ ବରୁଣ ରାଉଳ ଖେଳ ପରିଚାଳନା କରିଥିବା ବେଳେ ବିଭୁତି ମନ୍ତ୍ରୀ ଓ ସୂର୍ଯ୍ୟକାନ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ଗାଁ କପ୍ ଫୁଟବଲ ଟୁର୍ନାମେଣ୍ଟ: ମା'ମଙ୍ଗଳା କ୍ଲବ୍ ବିଜୟୀ

**ଓଡ଼ଗାଁ, ୨୩।୧ (ଆଦର୍ଶ କୁମାର ପଟ୍ଟନାୟକ)**


ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମରେ ଚାଲିଥିବା ୬ଷ୍ଠ ଓଡ଼ଗାଁ କପ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ କିଶୋର କ୍ଲବ ଭୁବନେଶ୍ୱର ଓ ମା'ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ଅପରାହ୍ନ ସାଢେ ୩ରେ ବି ଗ୍ରୁପର ପ୍ରଥମ ମ୍ୟାଚ ଆରରମ୍ଭ ହୋଇଥିଲା । ମ୍ୟାଚର ୧୮ ମିନିଟରେ ମା'ମଙ୍ଗଳା କ୍ଲବର କ୍ୟାପେଟନ୍ ଦିନବନ୍ଧୁ ଦାଶ ପ୍ରଥମ ଗୋଲ ସ୍କୋର କରି ମ୍ୟାଚକୁ ଅଗ୍ରଣୀ କରିଥିଲେ । ସେହିପରି ପ୍ରଥମାର୍ଦ୍ଧର ୩୦ ମିନିଟରେ ଅଗ୍ରଣୀ ଦଳର ପିଣ୍ଟି ସାମଲ ୨ୟ ଗୋଲ ସ୍କୋର କରିବା ସହିତ ଦଳକୁ ୨-୦ରେ ଅଗ୍ରଣୀ କରିବା ସହିତ ନିଜ ଦଳ ଖେଳାଳୀଙ୍କୁ ପ୍ରୋତ୍ସାହିତ କରିଥିଲେ । ଅନ୍ୟପକ୍ଷେ ୪୧ ତମ ମିନିଟରେ ପ୍ରତିପକ୍ଷ କିଶୋର କ୍ଲବର ବିକାଶ ନାୟକ ଗୋଟିଏ ଗୋଲ ସ୍କୋର କରିଥିଲେ। ଏପରିସ୍ଥଳେ ମ୍ୟାଚର ୨ୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ମନୋଭାବ ପୋଷଣ କରିବା ସହିତ ସେମି ଫାଇାନାଲରେ ପ୍ରବେଶ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ । ହେଲେ ମ୍ୟାଚ୍‌ର ୪୦ ତମ ମିନିଟରେ ଅଗ୍ରଣୀ ଦଳ ମା'ମଙ୍ଗଳା କ୍ଲବ କ୍ୟାପେଟନ ଦିନବନ୍ଧୁ ଦାଶ ନିଜର ୨ୟ ବ୍ୟକ୍ତିଗତ ଗୋଲସ୍କୋର କରିବା ସହିତ ଦଳକୁ ୩-୧ରେ ବିଜୟୀ କରିବାରେ ସଫଳ ହୋଇଥିଲେ। ଦଳ ୨ୟ ସେମି ଫାଇନାଲକୁ ଉନ୍ନୀତ ହୋଇଛି ।

ସ୍ଥାନୀୟ ମନ୍ଦିର ଶିଳ୍ପୀ ବାବୁ ପଣ୍ଡାଙ୍କ ଦ୍ୱାରା ପ୍ରଦତ୍ତ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ମୁଖ୍ୟ ଅତିଥି ଦିନବନ୍ଧୁ ଦାଶଙ୍କୁ ପ୍ରଦାନ କରାଯାଇଥିଲା । ଶେଖାଓତ ଖାନ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ଦେବରାଜ ସ୍ୱାଇଁ, ଶଶୀକାନ୍ତ ଦାସିଆ ଓ ଜଗନାଥ ପରିଡ଼ା ସହଯୋଗ କରିଥିଲେ । ସୁଶାନ୍ତ କୁମାର ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍ଥାନୀୟ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବ ସପନ କୁମାର ଜେନା, ଶାରିରୀକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଓ ବରିଷ୍ଠ ଆଇନଜୀବୀ ତଥା ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସାହୁ ତଥା ଟୁର୍ନାମେଣ୍ଟ କମିଟି ସମ୍ପାଦକ ଲୋକନାଥ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳୀ ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ । ଶୁକ୍ରବାର ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲର ପ୍ରଥମ ମ୍ୟାଚର ବିଜୟୀ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଓ ଗଣ୍ଡରପୁର ଫ୍ରେଣ୍ଡସ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ସମ୍ପାଦକ ସୂଚନା ଦେଇଛନ୍ତି।

# ଗଣିଆ-ବଡ଼ମୂଳ ରାସ୍ତା ଅଧାପନ୍ତରିଆ

## ଆନ୍ଦୋଳନକୁ ଓହ୍ଲାଇବେ ଅଞ୍ଚଳବାସୀ

**ଗଣିଆ, ୨୩।୧ (ସନ୍ତୋଷ କୁମାର ପ୍ରଧାନ)**

ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଯାତାୟତ ପାଇଁ ପ୍ରତିବର୍ଷ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କ ଯାତାୟତ ପାଇଁ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି । ହେଲେ ନୟାଗଡ଼ ଜିଲା ଗଣିଆ ବ୍ଲକଠାରୁ ଗଣିଆ-ବଡ଼ମୂଳ ରାସ୍ତା ଖାଲଖମାରେ ପୁରି ରହିଛି । ଗତ ୪ବର୍ଷ ତଳେ ଗଣିଆଠାରୁ କଳାପାଟ ରାସ୍ତା ନବୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାପରେ ରାସ୍ତା ନବୀକରଣ କାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇଥିଲା । ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁ ୨ବର୍ଷ ପରେ ଉକ୍ତ ରାସ୍ତା ଖାଲଖମାରେ ପୁରି ରହିଛି । ସେହିପରି ୨୦୨୨ରେ କଳାପାଟଠାରୁ ବଡ଼ମୂଳ ରାସ୍ତା ନିର୍ମାଣ ପାଇଁ ୨ୟ ପର୍ଯ୍ୟାୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଠିକାଦାର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ହେଲେ ଠିକାଦାରଙ୍କ ମନମାନୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି । ଗତ ୨ବର୍ଷ ଧରି ଅଞ୍ଚଳବାସୀଙ୍କ ତରଫରୁ ବିଭିନ୍ନ ସମୟରେ ଜିଲା ପ୍ରଶାସନ, ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ନିର୍ମାଣ କାର୍ଯ୍ୟରେ ମନ୍ଥରତା ଓ ଗଣିଆଠାରୁ ବଡମୂଳ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି ବୋଲି ଛାମୁଣ୍ଡିଆ ଅଞ୍ଚଳର ଜୟଦେବ ସାହୁ ଅଭିଯୋଗ କରିଛନ୍ତି ।


ଅଧାପନ୍ତରିଆ ଭାବେ ପଡ଼ିରହିଥିବା ରାସ୍ତା।

ସୂଚନାଯୋଗ୍ୟ, ପ୍ରତ୍ୟହ ଏହି ରାସ୍ତା ଦେଇ ଶତାଧିକ ଯାନବାହାନ ଓ ବାଇକ୍ ଆରୋହୀ ଯାତାୟତ କରୁଛନ୍ତି । ରାସ୍ତାରେ ବହୁ ଖାଲ ଯୋଗୁ ଅନେକ ବାଇକ୍ ଆରୋହୀ ଛୋଟବଡ଼ ଦୁର୍ଘଟଣାର ଶୀକାର ହେଉଛନ୍ତି । ଅଧାପନ୍ତରିଆ ରାସ୍ତାରୁ ଧୂଳି ଉଡିବା ଫଳରେ ସ୍ଥାନୀୟ ଜନସାଧାରଣ ଓ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ବଡମୂଳ ମଙ୍ଗାନାସୀସ୍ଥିତ ସ୍ୟାଣ୍ଡ ରିସୋର୍ଟକୁ ମଧ୍ୟ ପ୍ରତିଦିନ ବହୁ ପର୍ଯ୍ୟଟକ ଆସୁଛନ୍ତି । ହେଲେ ରାସ୍ତାର ଦୁରାବସ୍ଥା ଦେଖି ଆଉ ଥରେ ନ ଆସିବାକୁ କହୁଥିବା ଶୁଣିବାକୁ ମିଳୁଛି । ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ଗଣିଆ-ବଡମୂଳ ରାସ୍ତାକୁ ପୁଣିଥରେ ନିର୍ମାଣ କରିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି । ଏଥିରେ ବିଳମ୍ବ ହେଲେ ଫେବୃଆରୀ ପ୍ରଥମ ସପ୍ତାହରେ ଛାମୁଣ୍ଡିଆ ଅଞ୍ଚଳବାସୀ ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକେ ସହ ଧାରଣା ଦେବେ ବୋଲି ଦାବିପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ନୟାଗଡ଼ ଜିଲାପାଳ, ବିଭାଗୀୟ ମନ୍ତ୍ରୀ, କନ୍ଧମାଳ ଏମ୍‌ପି, ଦଶପଲ୍ଲା ବିଧାୟକଙ୍କୁ ଅବଗତ କରାଯାଇଛି ।

## ସଂକ୍ଷେପରେ

### ହୃଦ୍‌ଘାତରେ ବାଟୋଇଙ୍କ ମୃତ୍ୟୁ

ଧର୍ମଶାଳା, ୨୩।୧ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଗୋପବନ୍ଧୁ ଛକ ନିକଟରେ ଜଣେ ବାଟୋଇଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲା ମାଲାସପାଲାମ୍ ଅଞ୍ଚଳର ଅବଦୁଲ୍ ରହିମ୍ ଥାନାରେ ଅଭିଯୋଗ କରିଛନ୍ତିଯେ, ସେ ଓ ତାଙ୍କ ସମ୍ପର୍କୀୟ ଭାଇ ମହମ୍ମଦ ସିଦ୍ଦିକ୍ (୪୯) ବୁଧବାର ରାତି ୧୦ଟାବେଳେ ଆସି ଜାରକାସ୍ଥିତ ଗୋପବନ୍ଧୁ ଛକ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ମହମ୍ମଦ୍ ସିଦ୍ଦିକ୍‌ଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଅବଦୁଲ୍ ଏକ ଅଟୋରେ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ନଂ.୬/୨୫ରେ ଏକ ଅପମୃତ୍ୟୁ ମମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ୭୨ ଗ୍ରାମ୍ ହେରୋଇନ ଜବତ

ଭୋଗରାଇ, ୨୩।୧ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ ଜଳେଶ୍ୱର ଚନ୍ଦନେଶ୍ୱର ୫ ୭ ନଂ. ରାଜ୍ୟ ରାଜପଥ ବାରମାଇଲ ଛକରେ ଗୁରୁବାର ସକାଳେ ଜଳେଶ୍ୱର ଅବକାରୀ ସାଟଲାଇଟ ୟୁନିଟ୍ ପକ୍ଷରୁ ୭୨ଗ୍ରାମ୍ ହେରୋଇନ ଜବତ କରାଯାଇଛି।

# ଆଜି ଓଳାଶୁଣୀରେ ହେବ କେଶଯାତ୍ରା

## ମେଳା ଅବ୍ୟବହିତ ପୂର୍ବରୁ ନିଆରା ପରମ୍ପରା

ଚଣ୍ଡିଖୋଲ, ୨୩।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀଠାରେ ୨୫ ତାରିଖରେ ଓଳାଶୁଣୀ ଗୁମ୍ଫାମେଳା ଅନୁଷ୍ଠିତ ହେବ। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ଅବସରରେ ମେଳା ଆରମ୍ଭ ହୋଇଥାଏ। ତେବେ ମେଳାର ଦିନକ ପୂର୍ବରୁ କେଶଯାତ୍ରା କରାଯାଏ। କେଶଯାତ୍ରା ମହାପୁରୁଷଙ୍କ ସମାଧି ପୀଠରେ ପହଞ୍ଚିବାପରେ ମେଳା ଶୁଭାରମ୍ଭ ହୋଇଥାଏ। ଚଳିତ ବର୍ଷ ସନ୍ଥ ମହାପରୁଷଙ୍କ ୧୮୮ତମ ମହାପ୍ରୟାଣ ଦିବସ ଅବ୍ୟବହିତ ପୂର୍ବରୁ ଦଶମୀ ତିଥିରେ ଶୁକ୍ରବାର ସନ୍ଧ୍ୟାରେ ଏହି କେଶଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଭଳି ନିଆରା ପରମ୍ପରା ସାରା ଭାରତରେ କେଉଁଠାରେ ଦେଖାଯାଏ ନାହିଁ। କେଶଯାତ୍ରା ଆରମ୍ଭ ହୋଇ ରାତ୍ରିର ଦ୍ୱିତୀୟ ପ୍ରହରରେ ପାହାଡ଼ର ଶୀର୍ଷଦେଶରେ ପହଞ୍ଚିବା ପରେ ଓଳାଶୁଣୀ ମେଳା ଆରମ୍ଭ ହେବ।

କିମ୍ବଦନ୍ତୀ ଅନୁଯାୟୀ, ସନ୍ଥ ଅରକ୍ଷିତ ଦାସ ଓଳାଶୁଣୀ ପୀଠର ପଡ଼ୋଶୀ ଶୁଖୁଆପଡ଼ା ଗ୍ରାମକୁ ଯାଇଥିଲେ। ପ୍ରତ୍ୟେକ ସମୟରେ ଏହି ଗ୍ରାମକୁ ସେ ବୁଲିବାକୁ ଯାଇଥାନ୍ତି। ଦିନେ ଶୁଖୁଆପଡ଼ା ଗ୍ରାମର କନ୍ଧୁ ମହାରଣାଙ୍କ ସ୍ତ୍ରୀ ଜହ୍ନି ମହାରଣା ସନ୍ଥଙ୍କ ଚୁଟି କୁଣ୍ଡାଇ



ଦେଇଥିଲେ। ଚୁଟି କୁଣ୍ଡାଇବା ସମୟରେ ଗୋଟିଏ ଚୁଟି ପଡ଼ି ଯାଇଥିଲା। ଏହାକୁ ଜହ୍ନି ମହାରଣା ରଖିଥିଲେ। ଏହାକୁ ଦେଖି ସନ୍ଥ ଅରକ୍ଷିତ ଦାସ ପଚାରିଥିଲେ ଯାହାକୁ ଲୁଚାଇ ରଖୁଛ ତାକୁ ସମ୍ଭାଳି ପାରିବ ତ। ଏହି ସମୟରେ ସେ ମହାପୁରୁଷଙ୍କର ଅନୁମତି ମାଗିଥିଲେ। ମହାପୁରୁଷ ଏକ ଫରୁଆରେ ରଖିବା ପାଇଁ ଅନୁମତି ଦେଇଥିଲେ। ସେହି କେଶଟିକୁ ଏକ ଫରୁଆ ଭିତରେ ରଖି ଠାକୁର ଘରେ ପୂଜା କରିଥିଲେ। ଏହା ମଧ୍ୟରେ ସେହି ଗୋଟିଏ କେଶ ଏକ ବିରାଟ ଜଟାରେ ପରିଣତ ହୋଇଗଲାଣି। କେଶଟି ବଢୁ ଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେବା ସହ ପୂଜା ପାଠ ଆରମ୍ଭ କରିଥିଲେ। ଏବେ ସମ୍ପୃକ୍ତ ଜହ୍ନି ମହାରଣାଙ୍କ ପରିବାର ନିକଟସ୍ଥ ଲଳିତଗିରି ଗ୍ରାମକୁ ଉଠିଯାଇଛନ୍ତି। ସେଠାରେ ମଧ ମହାପୁରୁଷଙ୍କ କେଶ ପୂଜା ପାଉଛି। ପ୍ରତ୍ୟେକ ବର୍ଷ ପରମ୍ପରାକୁ ଆଧାର କରି କେଶଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମେ ଓଳାଶୁଣୀ ପୀଠର ମଠାଧିଶ ମହନ୍ତ ନାମାନନ୍ଦ ଦାସ ଆସି ଲଳିତଗିରି ଠାରେ ପୂଜାର୍ଚ୍ଚନା କରିବା ପରେ କେଶଯାତ୍ରା ଆରମ୍ଭ ହେବ। ଏହାକୁ ଏକ ସୁସଜ୍ଜିତ ବିମାନରେ ଲଳିତଗିରିଠାରୁ ମହାପୁରୁଷଙ୍କ ସମାଧି ମନ୍ଦିର ଓଳାଶୁଣୀ ପାହାଡ଼ର ଶୀର୍ଷ ଦେଶକୁ ନିଆଯାଇଥାଏ। କେଶ ସୁସଜ୍ଜିତ ବିମାନ ସେଠାରେ ପହଞ୍ଚିବା ପରେ ସମାଧିମନ୍ଦିର ପରିସରରେ ରହିଥାଏ। ଏହାପରେ ସମାଧି ମନ୍ଦିରର ପତାକା ବନ୍ଧାଯାଇଥାଏ। ପରେ ମେଳାକାର୍ଯ୍ୟ ଆରମ୍ଭ ହୋଇଥାଏ। ମହାପୁରୁଷଙ୍କର ମହାସ୍ନାନ ଓ ପରେ ବଡ଼ସିଂହାର ବେଶ କରାଯାଇ ପୂଜାର୍ଚ୍ଚନା କରାଯିବା ସହ ଆଳତୀ ହୋଇଥାଏ। ଆଳତୀ ସରିବା ପରେ ପ୍ରଥମେ ଶୁଖୁଆପଡ଼ା ଗ୍ରାମରୁ ଯାଇଥିବା ପୋଡ଼ ପିଠା ଭୋଗ କରାଯାଏ। ତିନି ଦିନ ଧରି କେଶ ବିମାନଟି ମହାପୁରୁଷଙ୍କ ସମାଧି ମନ୍ଦିର ପରିସରରେ ରହିଥାଏ। ଦଶମୀ, ଏକାଦଶୀ ଓ ଦ୍ୱାଦଶୀ ଦିନ ଭକ୍ତମାନେ କେଶ ବିମାନକୁ ଦର୍ଶନ କରିବା ସହିତ ପୂଜାପାଠ କରିଥାନ୍ତି। ତ୍ରୟୋଦଶୀ ଦିନ କେଶ ବିମାନ ଲଳିତଗିରି ଗ୍ରାମକୁ ଫେରିଆସିଥାଏ। ଓଳାଶୁଣୀ ମେଳା ପୂର୍ବରୁ ୩ଦିନ ଧରି ଚାଲୁଥିବାବେଳେ ଏବେ ଏହା ୧୦ଦିନ ଧରି ଚାଲୁଛି। ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରୁ ଆରମ୍ଭ ହୋଇ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜାରେ ମେଳା ଶେଷ ହୋଇଥାଏ। ଓଡ଼ିଶାରେ ଥିବା ବିଭିନ୍ନ ମଠ ଓ ମନ୍ଦିରରେ ଯେଉଁ ପରମ୍ପରା ରହିଛି ଏଠାରେ ବହୁତ କିଛି ନିଆରା ପରମ୍ପରା ଦେଖାଯାଇଥାଏ। କେଶ ଯାତ୍ରା ସମୟରେ ବାଜା ବାଣ ରୋଷଣି ସହ ବହୁ ସଂଖ୍ୟାରେ କୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥାନ୍ତି। ଏହାକୁ ଦେଖିବା ପାଇଁ ଦଶମୀ ଦିନ ରାତିରେ ହଜାରହଜାର ଲୋକଙ୍କ ସମାଗମ ହେବା ସହିତ ବହୁ ସାଧୁ ସନ୍ଥ ପହଞ୍ଚି ଦର୍ଶନ କରିଥାନ୍ତି।

# ଚୋରା ମଦ କାରବାର ବନ୍ଦ ପାଇଁ ଦାବିପତ୍ର

ଯାଜପୁର ଟାଉନ, ୨୩।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଯାଜପୁର ଅବକାରୀ ଅଧୀକ୍ଷକଙ୍କୁ ଚୋରା ମଦ କାରବାର ବନ୍ଦ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯାଜପୁର ଜିଲା ଦଶରଥପୁର ଅଞ୍ଚଳରେ ଚୋରା ମଦ, ଅଫିମ, ଗଞ୍ଜେଇ, ବ୍ରାଉନସୁଗର ଆଦି କାରବାର ବହୁ ମାତ୍ରାରେ ବଢୁଥିବା ନଜରକୁ ଆସିଛି। ଫଳରେ ଛାତ୍ରୀଛାତ୍ର, ଯୁବତୀଯୁବକ ନିଶା ସେବନ କରି ଗଣ୍ଡଗୋଳ କରୁଛନ୍ତି। ଏଭଳି କାଣ୍ଡରେ ପରିବାର ଲୋକ ଅତବ୍ୟସ୍ତ ହୋଇପଡୁଛନ୍ତି। ସରକାର ନୂଆ ମଦ କୋଦାନ ଖୋଲିବା ପାଇଁ ଦେଉ ନ ଥିବା ବେଳେ ଚୋରା ନିଶା କାରବାରକୁ ନିୟନ୍ତ୍ରଣ କରିପାରୁନାହାନ୍ତି। ଫଳରେ ଏଭଳି ଘଟଣା ଘଟୁଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଏଥିସହିତ ୨ ଘଣ୍ଟା ଧରି ଧାରଣା ଦିଆଯାଇଛି। ତେବେ ନିଶା କାରବାର ବନ୍ଦ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବବୋଲି ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅବସରରେ ବାଲ୍ୟ ବିବାହ ଉପରେ ନାଟକ ପରିବେଷଣ କରାଯାଉଛି।

ବ୍ରହ୍ମବରଦା, ୨୩।୧ (ଯଯାତି କେଶରୀ ବେହେରା)

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶ୍ରମିକନେତା ପ୍ରଦୀପ ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ରୁକସାନା ପର୍‌ୱିନ, ଶିକ୍ଷାବିତ ଆଲ୍ଲାଉଦ୍ଦିନ ଖାଁ, ନାଏବ ସରପଞ୍ଚ ଇସାକ ଖାନ, ଅମୂଲ୍ୟ ରାଉତ, ମଣ୍ଟୁ ଦାସ, ଏସ୍‌ଏମ୍‌ସି କମିଟ ସଭାପତି ଜୁଲ୍‌ଫିକ୍କର ଅଲ୍ଲି ଖାନ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଛାତ୍ରୀଙ୍କ ଶାରିରୀକ, ମାନସିକ ବିକାଶ ହୋଇପାରିବ ବୋଲି କହିଥିଲେ। ଛାତ୍ରୀଙ୍କ ଦ୍ୱାରା 'ବାଲ୍ୟବିହାକୁ ନା' ନାଟକ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ମାନସୀ ଦରଜି ସଭା ପରିଚାଳନା କରିଥିବାବେଳେ ଉର୍ମିଳା ସାହୁ, ଦୀପିକା ଶତପଥୀ, ସୁଲତାନା ପରୱିନ, ରୁବେଦା ବିବି, ଦିବାକର ସେଠୀ, ଅଚ୍ୟୁତାନନ୍ଦ ପାଢ଼ୀ, ଚିତ୍ତରଞ୍ଜନ ଓଝା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜୁଲ୍‌ଫିକ୍କର ଅଲ୍ଲି ଖାନ ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟତିଥି

ଧର୍ମଶାଳା, ୨୩।୧ (ବଟକୃଷ୍ଣ ପରିଡ଼ା)

ସ୍ୱାଧୀନତା ସଂଗ୍ରାମୀ ତଥା ଧର୍ମଶାଳା ପ୍ରେସକ୍ଲବର ଆଜୀବନ ସଭାପତି ନରହରୀ ମହାନ୍ତିଙ୍କ ୧୬ ତମ ପୁଣ୍ୟତିଥି ପ୍ରେସକ୍ଲବ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ପ୍ରେସକ୍ଲବ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁଣ୍ୟତିଥି ଉତ୍ସବରେ ଅତିଥିଭାବେ ଖବରଦାତା ମହେଶ୍ୱର ବଳ, ଏସ୍‌ୟୁଜେର ରାଜ୍ୟ ସଭାପତି କୈଳାସ ନାୟକ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କୁଆଖିଆ ପ୍ରେସ୍‌କ୍ଲବର ସଭାପତି ନିଗମାନନ୍ଦ ମହାନ୍ତି ଯୋଗଦେଇ ମହାନ୍ତି ଜଣେ ନିର୍ଭିକ, ସଚ୍ଚୋଟ ଓ ନିଷ୍ଠାପର ଖବରଦାତା ଭାବେ ପରିଚିତ ଥିଲେ। ଦାରିଦ୍ର୍ୟରେ ରହି ଆସୁଥିଲେ ମଧ୍ୟ ସେ ସାଲିସ୍ ବିହୀନ ଖବର ପରିବେଷଣ କରୁଥିଲେ। ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଥାଇ ମଧ୍ୟ ସେ ନିଜ ପାଇଁ କିଛି କରିପାରି ନ ଥିଲେ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଅଛୁଆଁ ଲୋକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେ ସଂଗ୍ରାମ ଜାରିରଖିଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ରାଜକିଶୋର ପାଢୀ, ଡ. ରୁଦ୍ରନାରାୟଣ ପୃଷ୍ଟି, ଡ. ପ୍ରିୟନାଥ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ମିନତି ସାହୁ, କାହ୍ନୁ ଚରଣ ଦାସ, କୃଷକ ନେତା ବସନ୍ତ ପରିଡା, ଉପଦେଷ୍ଟା ବଟକୃଷ୍ଣ ପରିଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଦଳିତନେତା ହରିହର ମଳିକ, ଇନ୍ଦୁପ୍ରଭା ସାମଲ, ପ୍ରଶାନ୍ତ କୁମାର ସ୍ୱାଇଁ, ପଣ୍ଡିତ ବ୍ରଜବନ୍ଧୁ ଦାଶ, ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଯୋଗଦେଇ ନରହରିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଅବିନେଶ୍ୱର ଶତପଥୀ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ସହସମ୍ପାଦକ ମାନସ ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।




ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟତିଥିରେ ମଞ୍ଚାସୀନ ଅତିଥି।

# ପଥରପଦା ନେତାଜୀ କ୍ଲବର ବାର୍ଷିକୋତ୍ସବ



ନେତାଜୀ କ୍ଲବର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ପାଣିକୋଇଲି, ୨୩।୧ (ବିକାଶ ମଲ୍ଲିକ)

କୋରେଇ ବ୍ଲକ୍ ଅଧୀନ ପଥରପଦା ନେତାଜୀ ଯୁବକ କ୍ଲବ୍‌ର ଦ୍ୱିଦିବସୀୟ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାପର୍ଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ଲବ ଉପଦେଷ୍ଟା ସନ୍ତୋଷ କୁମାର ବେହେରା, ସୂର୍ଯ୍ୟମଣି ପଣ୍ଡା, ସ୍ୱପ୍ନାନନ୍ଦ ଦାସପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନେତାଜୀ ଜ୍ୟୋତି ପାଣିକୋଇଲି ବଜାର ପରିକ୍ରମା କରିଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ଅଖଣ୍ଡ ଭାରତ ବର୍ଷ ଗଠନ ପାଇଁ ନେତାଜୀଙ୍କ ପରିକଳ୍ପନା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ମା' ତାରିଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳାଇ, ମଧୁପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଘଡ଼ାଇ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସବଜୁନିଅର ବିଭାଗରେ ଏସବିଡିର ଶ୍ରୀକାନ୍ତ ଜେନା, ନେମଆଣ୍ଡ ଫେମର ଭାଗଜ୍ୟୋତି ମହାପାତ୍ର ଓ ଏସବିଡିର ସାଇ ସନ୍ଦିପ ବାରିକ, ନେମଆଣ୍ଡ ଫେମର ଜେଏସ ରେୟାଂଶ ଓ ଏସବିଡିର ବିଦିଶା ଲୋମାନୀ ଶତପଥୀ, ଜୁନିୟର ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଡି ଶ୍ରୀଦିପ୍ତା ନାୟକ, ପାଣିକୋଇଲି ସରକାରୀ ହାଇସ୍କୁଲର ଦୀପାଳି ଭାଗ୍ୟଜ୍ୟୋତି ବାରିକ, ଆଦର୍ଶ ବିଦ୍ୟାଳୟର ତ୍ରିଲୋଚନ ଥାଟୋଇ, ସିନିୟର ବିଭାଗରେ ବୈଷ୍ଣବୀ ଧଳ, ରଶ୍ମିକାନ୍ତ ସ୍ୱାଇଁ, ଅର୍ପିତା ଦ୍ୱିବେଦୀ ଓ ଜୀବନ ଜ୍ୟୋତି ବାରିକ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିଲେ। କ୍ଲବ ପକ୍ଷରୁ ସଞ୍ଜୟ ବେହେରା, ଅଶୋକ କୁମାର ବେହେରା, ମାନସ କୁମାର ସାହୁ, ପର୍ଶୁରାମ ବେହେରା, ପ୍ୟାରୀମୋହନ ବାରିକ, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୌମ୍ୟ ରଞ୍ଜନ ସାହୁ, ପ୍ରେମାନନ୍ଦ ବାରିକ, ଜିତେନ୍ଦ୍ର ବେହେରା, ରମେଶ ବାରିକ, ସୁଧାଂଶୁ ବାରିକ, ନିଳମଣି ବାରିକ, ତାପସ ଦାସ, ଅଞ୍ଜନ କୁମାର ଦାସ, ଶରତ ଚନ୍ଦ୍ର ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦଧିବାମନ ଜୀଉ ମହାବିଦ୍ୟାଳୟରେ ନେତାଜୀ ଜୟନ୍ତୀ

ଧର୍ମଶାଳା, ୨୩।୧ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଉତ୍ତରପ୍ରତାପ ପଞ୍ଚାୟତ ନରସଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ସୁଜାତା ଦାସ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ନେତାଜୀଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ କମ୍ରେଡ୍ ଦମୟନ୍ତୀ ମୁଦୁଲି ଯୋଗଦେଇ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରଙ୍କୁ ନେତାଜୀଙ୍କ ଭୂମିକା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ଲେଙ୍କା ନେତାଜୀ ଓ ଆଜାଦ୍ ହିନ୍ଦ୍ ଫୌଜର ସ୍ୱାଧିନତା ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀଶଙ୍କର ମିଶ୍ର, ଅଧ୍ୟାପିକା ପ୍ରମିଳା ଦାସ, ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ କୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ। ଧର୍ମଶାଳା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡା ଓ ତାଙ୍କ ସହଯୋଗୀମାନେ ଧର୍ମଶାଳା ବ୍ଲକ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।




ନେତାଜୀ ଜୟନ୍ତୀରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀମାନେ।

# ବାଟ ମହାବୀର କ୍ରିକେଟ: ଯଙ୍ଗଷ୍ଟାର କ୍ଲବ ଚାମ୍ପିୟନ

ରସୁଲପୁର, ୨୩।୧ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଦକ୍ଷିଣ ଭୋଟକା ଗ୍ରାମର ବାଟ ମହାବୀର କ୍ରିକେଟ କପ୍-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଯଙ୍ଗଷ୍ଟାର କ୍ରିକେଟ କ୍ଲବ ବାରବାଟୀ ଦଳ ପ୍ରତିପକ୍ଷ ଇଚ୍ଛାପୁର କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଯଙ୍ଗଷ୍ଟାର କ୍ରିକେଟ୍ କ୍ଲବ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ଓଭରରେ ଦଳ ୧୫୯ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ମ୍ୟାଚ୍ ଜିତିବାକୁ ମାତ୍ର ୧୦ରନ୍ ବାକି ଥିବାବେଳେ ଓଭର ଶେଷ ହୋଇଯିବାରୁ ୫ ଉଇକେଟ ଥାଇ ସୁଧା ରନର୍ସ ଅପରେ ସନ୍ତୁଷ୍ଟ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ରାଜେଶ ମଲିକଙ୍କୁ ମ୍ୟାନ୍‌ଅଫ୍ ଦି ମ୍ୟାଚ୍ ଓ ସମଗ୍ର ଟୁର୍ନାମେଣ୍ଟରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ସଞ୍ଜୟ ମଲିକଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା। ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସମିତିସଭ୍ୟ ରଞ୍ଜିତ ରାଉତ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ଶିକ୍ଷକ ଶରତ ଚନ୍ଦ୍ର ପାତ୍ର, ଗୌରାଙ୍ଗ ଚରଣ ପତି ପ୍ରମୁଖ ଯୋଗଦେଇ ଉଭୟ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଯଶୋବନ୍ତ ଦାସ, ଗୋପାଳ ଚନ୍ଦ୍ର ଦାସ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବରେ ସମରେଶ ମାଝୀ, ରାମଚନ୍ଦ୍ର ବେହେରା, ଶୁଭକାନ୍ତ ଦାସ, ଆଶିଷ ସାହୁ, ଚନ୍ଦନ ଦାସ, ସୁଶିଲ ସାହୁ, ଅନୁଭବ ସାହୁ, ଚନ୍ଦନ ଦାସ, ଜିତୁନ୍ ଦାସ, କାର୍ତ୍ତିକ ଦାସ, ବୈଷ୍ଣବ ଦାସ, ସୁରେଶ ସାହୁ ଓ ପ୍ରତାପ ଦାସଙ୍କ ସମେତ ଅନ୍ୟ କ୍ଲବର ସଦସ୍ୟ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ନେତାଜୀ ଜୟନ୍ତୀରେ ଗଣଦୌଡ଼

ଯାଜପୁରରୋଡ୍, ୨୩।୧
(ପବିତ୍ର ରଞ୍ଜନ ମହାନ୍ତି)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବ୍ୟାସନଗର ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରୁ ଆରମ୍ଭ ହୋଇ ହୋଟେଲ ରୟାଲ କଳିଙ୍ଗଠାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ଖଣି ନିଗମର ମାନବସମ୍ବଳ ଅଧିକାରୀ ଦେବାଶିଷ ସାମଲ ଏବଂ ଆଇନଜୀବୀ ରବୀନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏନେଇ ଅନୁଷ୍ଠିତ ଏହି ସଭାରେ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ବାଇଧର ମାଝୀ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଦୌଡ଼ରାଣୀ ଦୂତୀ ଚାନ୍ଦ ଯୋଗଦେଇ ସଂଘର ଏଭଳି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଅଞ୍ଚଳରେ ବହୁ ଶିଳ୍ପାୟାନ ଗଢ଼ି ଉଠିଥିବାବେଳେ ଏକ ଉନ୍ନତ ଷ୍ଟାଡିୟମ ନ ଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡି ନେତା ବଳଭଦ୍ର ଦାସ ଯୋଗଦେଇ ଭଗତ ସିଂ ଯୁବକ ସଂଘ ଏ ସମାଜକୁ ପ୍ରକୃତ ସେବା ଯୋଗାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରାଧକ୍ଷା ସବିତା ରାଉତ, ଯୁବ ସାମାଜିକ କର୍ମୀ ଅନିରୁଦ୍ଧ ମହାନ୍ତି, ଯୁବ ବ୍ୟବସାୟୀ ଆଲୋକ ମହାନ୍ତି, ଉପଦେଷ୍ଟା ନାରାୟଣ ନାୟକ, ଚନ୍ଦ୍ରମଣି ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଗଣଦୌଡ଼ରେ ବାଳିକା ସିନିୟର ବିଭାଗରେ କରାଯାଇ ବହାଦୁର ପ୍ରଥମ, ପିଙ୍କିରାଣୀ ସାହୁ ଦ୍ୱିତୀୟ, ହରପ୍ରିୟା ରଣା ତୃତୀୟ, ମହିଳା ଜୁନିୟରରେ ସୀମା ତିରିଆ ପ୍ରଥମ, ଦୀପା ହେମ୍ବ୍ରମ ଦ୍ୱିତୀୟ, ଚଞ୍ଚଳା ପାତ୍ର ତୃତୀୟ, ବାଳକ ସିନିୟର ବିଭାଗରେ ସୁଭାଶିଷ ଆଇଚ ପ୍ରଥମ, ଜ୍ୟୋତିରଞ୍ଜନ ବେହେରା ଦ୍ୱିତୀୟ, ଶିବାନନ୍ଦ ପ୍ରଧାନ ତୃତୀୟ, ରାକେଶ କୁମାର ବାରିକ ଚତୁର୍ଥ, ସିଲୁ ମଲ୍ଲିକ ପଞ୍ଚମ ଏବଂ ଜୁନିୟର ବିଭାଗରେ ଦେବାଶିଷ ଗୁଣ୍ଡୁଆ ପ୍ରଥମ, ଦେବଜିତ ମଣ୍ଡଳ ଦ୍ୱିତୀୟ, ରାମ ଗୋପାଳ କାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂଘପକ୍ଷରୁ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବାବାଜୀ ଚରଣ ସାହୁ ଏବଂ କ୍ରୀଡ଼ାବିତ ସନ୍ଧ୍ୟାରାଣୀ ତିରିଆଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ୧୨ ନଂ ୱାର୍ଡ କାଉନସିଲର ସନ୍ତୋଷ ବରାଳ, ବିକାଶ ଆଇଚ, ରମ୍ୟରଞ୍ଜନ ପୁହାଣ ଉପସ୍ଥିତ ଥିଲେ। କ୍ରୀଡ଼ାବିତ ବଜ୍ରବାହୁ ସିମନ୍ତ କେଶରୀ ସାମଲ, ପ୍ରକାଶ ଆଇଚ ଗଣଦୌଡକୁ ପରିଚାଳନା କରିଥିଲେ। ସଂଘର ମାନସ ରାଉତ, ମହେଶ୍ୱର ନାୟକ, ରମେଶ ବିଶ୍ୱାଳ, ଜନ୍ମେଜୟ ରାଉତ, ଅସିତ ଦାଶ, ଦୀପକ ଦାଶ, ତପନ ମିଶ୍ର, ପରେଶ ଦାଶ, ତବିନ ସାମଲ, ସଞ୍ଜୟ ସାହୁ, ଆଶିଷ ମଲ୍ଲିକ, ହେମନ୍ତ କୁମାର ନାୟକ, ଚନ୍ଦନ ରାଉତ, ପବିତ୍ର ପ୍ରଧାନ, ସତ୍ୟମ ବରାଳ, ସୋୟାଂଶୁ ଯେନା, ଶୁଭ୍ରାଂଶୁ ଯେନା ସହଯୋଗ କରିଥିବାବେଳେ ସମ୍ପାଦକ ହେମନ୍ତ କୁମାର ଧୀର ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ରାଜନଗର, ୨୩।୧ (ଭାସ୍କର ରାଉତରାୟ):** ରାଜନଗର ଭିତରକନିକା ମୁଖ୍ୟ ରାସ୍ତାର କଣିଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗୁରୁବାର ମଧ୍ୟାହ୍ନରେ ମହୁଲିଆ ପଞ୍ଚାୟତ କଣି ଗାଁର ଧ୍ରୁବ ଚରଣ ପରିଡା (୫୮) ତାଙ୍କ ପୁଅ ବଳରାମ ପରିଡାଙ୍କ ସହ ସ୍କୁଟିରେ ରାଜନଗରରୁ ଘରକୁ ଫେରୁଥିଲେ। ଗାଁ ଛକ ନିକଟରେ ସ୍କୁଟିକୁ ରାଜନଗରରୁ ଦ୍ରୁତଗତିରେ ଆସୁଥିବା ଟାଟା ଏସିଇ (ନଂ. ଓଡି ୦୫ ଏଡବ୍ଲ୍ୟୁ ୨୧୨୫) ଗାଡ଼ି ପଛପଟୁ ଧକ୍କା ଦେଇଥିଲା। ସ୍କୁଟିକୁ ଘୋଷାଡ଼ି ନେଇ ରାସ୍ତା ତଳ କେନାଲକୁ ଗଡ଼ି ଯାଇଥିଲା। ପୁଅ ବଳରାମ ଛିଟିକି ପଡ଼ିଥିବା ବେଳେ ବାପା ଧ୍ରୁବ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କର ମୁଣ୍ଡ ଓ ହାତରେ ମାଡ ହେବା ସହ କାନରୁ ରକ୍ତ ବାହାରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଦଳୁଛି ଘରଚଟିଆଙ୍କ ବାସ ଠିକଣା

**ମହାକାଳପଡ଼ା, ୨୩।୧**
**(ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭିତରେ ବିପଦପୂର୍ଣ୍ଣ ଘରଚଟିଆ ବସା।

ଜଳବାୟୁ ପରିବର୍ତ୍ତନ, ଅସନ୍ତୁଳିତ ପରିବେଶ, ପ୍ରାକୃତିକ ବିପର୍ଯ୍ୟୟ, ଜଙ୍ଗଲ ଅବକ୍ଷୟ ଓ ଜନବସତିରେ ଚାଳଛପର ଘର ପରିବର୍ତ୍ତେ ପକ୍କାଘର ନିର୍ମାଣ ସାଜିଛି କାଳ। ୧୯୯୯ ମହାବାତ୍ୟା ପୂର୍ବରୁ ଗାଁଗଣ୍ଡାଗୁଡ଼ିକରେ ଥିବା ଚାଳଛପର ଓଳି ମୂଳେ ଘର ଚଟିଆଙ୍କ ଘର ପାଳଟିଥିଲା। ଏହି ସେଠି ଘରେ ଡିମ୍ବ ଦେଇ ଛୁଆ ଫୁଟିବା ପର୍ଯ୍ୟନ୍ତ ନିଜକୁ ସୁରକ୍ଷିତ ଭାବେ ଜୀବନ ନିର୍ବାହ କରୁଥିଲେ। ବିପର୍ଯ୍ୟୟ ପାଇଁ ଘରଚଟିଆ ବଂଶ ହ୍ରାସ ପାଇବାରେ ଲାଗିଛି। ସମୟ ଥିଲା ଘରଚଟିଆ ଚାଳଛପର ଓଳି ମୂଳେ ବାସକଲେ ଶୁଭ ମନାଯାଏ ବୋଲି ବିଶ୍ୱାସ ରହିଛି। ଘରଚଟିଆଙ୍କ କିଚିରିମିଚିରି ଶବ୍ଦ ବେଶ୍ ମନକୁ ପ୍ରଫୁଲ୍ଲିତ କରିଥାଏ। ପ୍ରାକ୍ ବିପର୍ଯ୍ୟୟ ଢେର ଅଧିକ ପୂର୍ବରୁ ଏମାନେ ସଙ୍ଗ ବଦ୍ଧ ହୋଇ ନୀଳ ଆକାଶରେ ଚକ୍କର କାଟିଥାନ୍ତି। ଏବେ ପୂର୍ବଭଳି ଗାଁ ଗଣ୍ଡାରେ ଚାଳ ଛପର ପରିବର୍ତ୍ତେ ବହୁଳ ସଂଖ୍ୟାରେ ପକ୍କାଘର ନିର୍ମାଣ ହେବା ଦ୍ୱାରା ବଦଳିଯାଇଛି ଘରଚଟିଆଙ୍କ ବଞ୍ଚିବାର ଠିକଣା। ଏଭଳି ଅଭାବନୀୟ ପରିସ୍ଥିତିରେ ନିଜର ବଞ୍ଚିବାକୁ ସଂଗ୍ରାମ କରୁଥିବା ଘରଚଟିଆଟି ବାସସ୍ଥାନ ଅଭାବରୁ ବିପଦପୂର୍ଣ୍ଣ ସ୍ଥାନରେ କାଠିକୁଟା ସଂଗ୍ରହକରି ନିଡ଼ ତିଆରି କରିବାରେ ବ୍ୟସ୍ତ ଅଛି। କୁନି ପକ୍ଷୀଟି କାହିଁ ଜାଣିବ ଯେଉଁ ବସାରେ ବାସ ତିଆରି ପାଇଁ ବସା ବାନ୍ଧୁଛି ତାହା ଭବିଷ୍ୟତ ପାଇଁ ବିପଦ। ତଥାପି ନିଜର ଭବିଷ୍ୟତ ପାଇଁ ୨ ପକ୍ଷୀ ଯମ ଦୁଆରେ ବସା ତିଆରି କରିବାରେ ନିମଗ୍ନ ଅଛନ୍ତି। କେଉଁ ମୁହୂର୍ତ୍ତରେ ଚାଲିଯାଇପାରେ ଜୀବନ। ଏହାର ଏକ ଉଦାହରଣ ଦେଖିବାକୁ ମିଳୁଛି, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଗୋବରୀ ନଦୀ କୂଳ ମହାକାଳପଡ଼ା–ଅଳାଇଲୋ ମୁଖ୍ୟ ରାସ୍ତାର ହନୁମାନ ମନ୍ଦିର ସନ୍ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭିତରେ କୁଟାକାଠି ସଂଗ୍ରହକରି ଘରଚଟିଆ ବସା ତିଆରି କରିଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ପକ୍ଷୀପ୍ରେମୀ ତଥା ପରିବେଶବିତ୍ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ୯୦ ଦଶକ ପୂର୍ବରୁ ଆମ ଅଞ୍ଚଳର ଗାଁରେ ଚାଳଛପର ଘରେ ବହୁଳ ଭାବେ ଏମାନଙ୍କ ବସା ବାନ୍ଧିବା ଦେଖିବାକୁ ମିଳୁଥିଲା। ଏମାନଙ୍କ କିଚିରିମିଚିରି ଶବ୍ଦରେ ଆରମ୍ଭ ହେଉଥିଲା ସକାଳ। ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏମାନଙ୍କର ବେଶ୍ ଭୂମିକା ଥିଲା। ଏମାନଙ୍କର ମୁଖ୍ୟ ଖାଦ୍ୟ ଝିଣ୍ଟିକା, ପୋକ, ଜୋକ, ସୁଆଁ, ଧାନ ଚାଉଳ, ସୋରିଷ, ଚଣା ଆଦି ଖାଇଥାନ୍ତି। ଦୁର୍ବିପାକ, କଂକ୍ରିଟ ଜଙ୍ଗଲ ଓ କୃଷି କ୍ଷେତ୍ରରେ ବ୍ୟାପକ ପରିମାଣରେ ବ୍ୟବହାର ହେଉଥିବା କୀଟନାଶକ ପ୍ରୟୋଗ ଦ୍ୱାରା ଏମାନଙ୍କ ବଂଶ ଧୀରେ ଧୀରେ ଲୋପପାଇବାକୁ ବସିଛି। ସମୟ ଆସିବ ଏମାନଙ୍କର ବଂଶକୁ ସୁରକ୍ଷା ଦିଆ ନ ଗଲେ ଭବିଷ୍ୟତରେ ଏହାକୁ ଚିତ୍ରରେ ଦେଖିବା ସାର ହେବ ବୋଲି ସ୍ୱାଇଁ ମତ ପ୍ରକାଶ କରିଛନ୍ତି।

## କନିକା ପୂଜ୍ୟପୂଜା ପରିଷଦର ସାରସ୍ୱତ ସମାରୋହ


ସମାରୋହରେ ଉପସ୍ଥିତ ଅତିଥିମାନେ।

**ରାଜକନିକା, ୨୩।୧**
**(ରବୀନ୍ଦ୍ର କୁମାର ଦାସ)**

ସାହିତ୍ୟ ସଂସ୍କୃତି ଓ ପ୍ରତିଭା ପୂଜନର ଭାବଭୂମି ଉପରେ ପ୍ରତିଷ୍ଠିତ କନିକା ପୂଜ୍ୟପୂଜା ପରିଷଦ ରାଜକନିକା ୧୧ତମ ସାରସ୍ୱତ ସମାରୋହ, ସମ୍ବର୍ଦ୍ଧନା ଉତ୍ସବ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ବାଘବୁଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ପରିଷଦର ସମ୍ପାଦକ କପିଳ ଚରଣ ମିଶ୍ରଙ୍କ ସଂଯୋଜନା ଓ ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଗୌରହରି ଦାସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଯୋଗଦେଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ଓଡ଼ିଶା ଦନ୍ତ ପରିଷଦର ସଭାପତି ଡା. ଆଶିଷ କୁମାର ବାରିକ ଓ ଅବସରପ୍ରାପ୍ତ ଡିଏଫ୍ଓ ରବିନାରାୟଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ରାଉତଙ୍କୁ ମରଣୋତ୍ତର ଭାବେ ତାଙ୍କ ସୁପୁତ୍ର ବିଶ୍ୱକେସନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବତନ ପ୍ରଶାସକ ବଂଶୀଧର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଷଦର ସମ୍ପାଦକ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର ‘ପ୍ରତିଧ୍ୱନି’କୁ ହରେକୃଷ୍ଣ ବାରିକ ଓ ପ୍ୟାରୀମୋହନ ସ୍ୱାଇଁ ଉନ୍ମୋଚନ କରିଥିଲେ। ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ ଧନ୍ୟବାଦ ଦେଇଥିବାବେଳେ କାଳୀପ୍ରସାଦ ନାୟକ, ସୁରେଶ ଚନ୍ଦ୍ର ମିଶ୍ର, କପିଳେନ୍ଦ୍ର ମଲ୍ଲିକ, ଡ. ଫକିର ଚନ୍ଦ୍ର ପ୍ରଧାନ, ଦାମୋଦର ଧଳ, ଶରତ ରାଉତ, ଗୋପୀନାଥ ଦାଶ, ବିଧାନ ଦାସଙ୍କ ସମେତ ପରିଷଦର କର୍ମକର୍ତ୍ତା ଯୋଗଦେଇଥିଲେ।

## ନେତାଜୀ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ

**ରାଜକନିକା, ୨୩।୧**
**(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକର ତରାସ ନେତାଜୀ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ସଦସ୍ୟ ଏକତ୍ରିତ ହୋଇ କ୍ଲବ ପରିସରରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। କ୍ଲବ ପରିସରରୁ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ରାଜକନିକା ସହର ପରିକ୍ରମା କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରେ ତରାସ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ଲବ ପକ୍ଷରୁ ବକ୍ତୃତା, ସଙ୍ଗୀତ ଓ କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ଶିକ୍ଷକମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଯୋଗୁ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି କ୍ଲବ ସଭାପତି ବନଜ କୁମାର ବାରିକ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ଉପସଭାପତି ସନ୍ଦୀପ କୁମାର ରାଉତ, ସହସମ୍ପାଦକ ମୁକ୍ତିକାନ୍ତ ଦଳାଇ, କୋଷାଧ୍ୟକ୍ଷ ଅଶୋକ ନାଥ, ସାଂସ୍କୃତିକ ସମ୍ପାଦକ ଶରତ ଚନ୍ଦ୍ର ସେଠୀ, କ୍ରୀଡା ସମ୍ପାଦକ ସୁମନ୍ତ କୁମାର ନାୟକ, ସହ ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ବାରିକ, ବିଶ୍ୱଜିତ ମଲ୍ଲିକ, ମଳୟ କୁମାର ନାୟକ, ରଞ୍ଜିତ କରଣ, ଦେବଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଳାଭର ମହାବିଦ୍ୟାଳୟରେ ମଧ୍ୟ ନେତାଜୀ ଜୟନ୍ତୀ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ହଳଧର ବେହେରାଙ୍କ ସମେତ ଟିଚିଂ, ନନ୍‌ଟିଚିଂ ଷ୍ଟାଫ୍ଙ୍କ ବ୍ୟତୀତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ସାହସୀ, ପରାକ୍ରମୀର ଜୀବନୀ ଥିଲା ନେତାଜୀଙ୍କର

**ପଟ୍ଟାମୁଣ୍ଡାଇ, ୨୩।୧**
**(କଳ୍ପତରୁ ନାୟକ)**


ଚିତ୍ତବିନୋଦନ କେନ୍ଦ୍ରରେ ନେତାଜୀଙ୍କ ଜୟନ୍ତୀ ପାଳିତ।

**ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ଚିତ୍ତବିନୋଦନରେ ପାଳନ ହେବ**

ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚିତ୍ତବିନୋଦନ ଗୃହରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ମଞ୍ଚର ବରିଷ୍ଠ ସଭ୍ୟ ଚତୁର୍ଭୁଜ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସୁଭାଷଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ କହିଥିଲେ, ନେତାଜୀଙ୍କ ପୂରା ଜୀବନ ସାହସ ଏବଂ ପରାକ୍ରମର କାହାଣୀ । ଦେଶକୁ ଇଂରେଜଙ୍କ କବଳରୁ ମୁକ୍ତ କରିବାକୁ ସେ ଏପରି ସ୍ଲୋଗାନ ଦେଇଥିଲେ ଯାହା ଭାରତୀୟଙ୍କ ହୃଦୟରେ ଜଳୁଥିବା ନିଆଁରେ ଘିଅ ଢାଳିବାର କାମ କରିଥିଲା। ତେଣୁ ପ୍ରତିବର୍ଷ ନେତାଜୀଙ୍କ ଜନ୍ମ ବାର୍ଷିକୀକୁ ପରାକ୍ରମ ଦିବସ ଭାବେ ଚିତ୍ତବିନୋଦନ ଗୃହରେ ପାଳନ କରାଯିବ। ଶିକ୍ଷାବିତ୍ ସ୍ୱାଇଁ ନେତାଜୀଙ୍କ ‘ଆଜାଦ୍ ହିନ୍ଦ୍ ଫୌଜ୍’ ବିଷୟରେ କହିଥିଲେ, ୧୯୪୨ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଭାରତକୁ ଇଂରେଜଙ୍କ କବଳରୁ ସ୍ୱତନ୍ତ୍ର କରିବାକୁ ରାସବିହାରୀ ବୋଷ ଜାପାନ ସହାୟତାରେ ବନ୍ଦୀ ହୋଇଥିବା ଭାରତୀୟ ସୈନ୍ୟଙ୍କୁ ନେଇ ‘ଆଜାଦ୍ ହିନ୍ଦ୍ ଫୌଜ’ ବା ଇଣ୍ଡିଆନ ନ୍ୟାଶନାଲ ଆର୍ମି ଗଠନ କରାଇଥିଲେ। ବର୍ଷକ ପରେ ୧୯୪୩ରେ ଆଜାଦ୍ ହିନ୍ଦ୍ ଫୌଜର ସମସ୍ତ ଦାୟିତ୍ୱ ସୁଭାଷ ବୋଷଙ୍କୁ ଦେଇଥିଲେ। ୧୯୪୩ ଅକ୍ଟୋବର ୨୧ରେ ନେତାଜୀ ‘ଆଜାଦ୍ ହିନ୍ଦ୍ ଫୌଜ୍’ର ସର୍ବୋଚ୍ଚ ସେନାପତି ଭାବେ ସ୍ୱତନ୍ତ୍ର ଭାରତର ଅସ୍ଥାୟୀ ସରକାର ଗଠନ କରିଥିଲେ। ସରକାର ଆଣ୍ଡାମାନକୁ ଶହୀଦ ଓ ନିକୋବରକୁ ସ୍ୱରାଜ ଦ୍ୱୀପ ନାମିତ କରି ୩୦ ଡିସେମ୍ବର ୧୯୪୩ରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଭାରତର ପତାକା ଉତ୍ତୋଳନ କରିଥିଲେ। ‘ଆମ ମାତୃଭୂମି ସ୍ୱାଧୀନ ହେବାକୁ ଚାହୁଁଛି। ତୁମେ ମତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନ ଦେବି’ ସୁଭାଷ ବୋଷଙ୍କ ଏହି କଥାରେ ଅନୁପ୍ରାଣିତ ହୋଇ କୋଟି କୋଟି ସ୍ୱାଧୀନତା ସଂଗ୍ରାମୀ ଲଢ଼େଇରେ ନିଜକୁ ଝାସ ଦେଇଥିଲେ। ଆଜାଦ୍ ହିନ୍ଦ୍ ଫୌଜର ଅଦମ୍ୟ ସାହସ ଓ ନେତାଜୀଙ୍କ ପରାକ୍ରମ ଆଗରେ ଇଂରେଜ ସରକାର ହାର ମାନିବାକୁ ବସିଥିଲେ। ହେଲେ ଟୋକିଓ ଯିବା ବାଟରେ ନେତାଜୀଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା ବୋଲି କୁହାଯାଉଛି। ଏହି ସଭାରେ ବରିଷ୍ଠ ସଭ୍ୟ ବିଜୟ କୁମାର ସାହୁ, ବିଜୟ କୁମାର ରାଉତ, ପ୍ରଦୀପ୍ତ କୁମାର ରଥ, କୈଳାସ ଚନ୍ଦ୍ର ପାତ୍ର, ଗୁଣଧର ସାମଲ, ତପନ କୁମାର ପାତ୍ରଙ୍କ ସମେତ ବହୁ ସଭ୍ୟ ଯୋଗଦେଇଥିଲେ।

## ୨୬ରୁ ଭାମଣ୍ଡା କପ୍

**ରାଜକନିକା, ୨୩।୧ (ରବୀନ୍ଦ୍ର କୁମାର ଦାସ ):** ରାଜକନିକା ବ୍ଲକ୍‌ର ଭାମଣ୍ଡା ନୃସିଂହ ନାଥ ୟୁଥ୍ କ୍ଲବ ପକ୍ଷରୁ ଆସନ୍ତା ୨୬ ତାରିଖରୁ ଭାମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଭାମଣ୍ଡା ଷ୍ଟାଡିୟମଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ମୁଖ୍ୟ ଆୟୋଜକ ମୁକେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ପ୍ରଜ୍ଞାଜିତ ନାୟକଙ୍କ ସଂଯୋଜନା କରିଥିବା ବେଳେ ଉମେଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଆୟୋଜକ ପଟ୍ଟନାୟକ ଭାମଣ୍ଡା କପର ସମସ୍ତ ନିୟମକାନୁନ ଓ ଶୃଙ୍ଖଳା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଶିକ୍ଷକ ସଞ୍ଜୟ କୁମାର ବିଶ୍ୱାଳ ଓ ପୂର୍ବତନ ଖେଳାଳି ପ୍ରତାପ ଚନ୍ଦ୍ର ନାୟକଙ୍କ ଦ୍ୱାରା ଭାମଣ୍ଡା କପ୍ ଉଦ୍‌ଘାଟନ ହୋଇଥିଲା।

## ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ପାଟକୁରା, ୨୩।୧**
**(ରବୀନ୍ଦ୍ର ନାଥ ବାରିକ )**

**ପାଟକୁରା ଲୋକନାଥ ମହାବିଦ୍ୟାଳୟ**

ପାଟକୁରା ଲୋକନାଥ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଇତିହାସ ବିଭାଗ ପକ୍ଷରୁ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର୍ ମନୋରଞ୍ଜନ ମହାନ୍ତି ସଭାରେ ସଭାପତିତ୍ୱ କରିଥିବା ବେଳେ ବିଭାଗର ଅଧ୍ୟାପକ ରମାକାନ୍ତ ପାଣି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତପନ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ତପନ କୁମାର ଡୁଙ୍ଗୁରୀ ସାଏଙ୍କ ସଂଗ୍ରାମ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଏହି ସମାରୋହରେ ମହାବିଦ୍ୟାଳୟର ଅଧ୍ୟାପକ ସୁରେନ୍ଦ୍ର ମହାରଣା, ରମେଶ ଚନ୍ଦ୍ର ମହାନ୍ତି, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ଡ. ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ପୁଷ୍ପଲତା ଶତପଥୀ, ସୁଷମା ରାଣୀ ସିଂ, ମିନପ୍ରଭା ସାହୁ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ଅଧ୍ୟାପକ ସଚ୍ଚିକାନ୍ତ ସେଠୀ ଧନ୍ୟବାଦ ଦେଇଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTCSBPOT80, ତା.16.01.2025ରିଖ

କାର୍ଯ୍ୟର ନାମ: "ପୂର୍ବ ତଟ ରେଳପଥରର ଲେଭେଲ କ୍ରସିଂ JT-1 ଏବଂ JT-2 କୁ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ରୋଡ଼ଠାରେ ପ୍ୟାନେଲ ପରିବର୍ତ୍ତନ କାର୍ଯ୍ୟ ଏବଂ ସରଲା - ଶାସନ, ଜରପଡ଼ା - ତାଳଚେର ରୋଡ୍ ସେକ୍ସନ, JSPL - ବଳରାମ ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟ ସମ୍ବନ୍ଧୀୟ ସିଗ୍‌ନାଲ ଏବଂ ଟେଲିକମ୍ ଇଂଫ୍ରିଂଜମେଂଟ କୁ ଦୂର କରିବା ପାଇଁ କେବୁଲ, ଲୋକେସନ ବକ୍ସ, ସିଗ୍‌ନାଲ ପୋଷ୍ଟ ଇତ୍ୟାଦି ସିଗ୍‌ନାଲ ଏବଂ ଟେଲିକମ୍ ଗିୟରର ପରିବର୍ତ୍ତନ ।"

ଆନୁମାନିକ ମୂଲ୍ୟ : ₹1,42,68,655.00, EMD (₹): 2,21,400.00, ଇ-ଟେଣ୍ଡର ଶେଷ ହେବା ଅବଧି : 24(ଚବିଶ)ମାସ ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ : ତା.07.02.2025 ରିଖ (1530 ଘଟିକା), ଇ-ଟେଣ୍ଡର ଖୋଲାଯିବା ତାରିଖ: ତା.07.02.2025 ରିଖ (1530 ଘଟିକା) ।

ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ। ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର

PR-130/CH/24-25


# ଫାଇନାଲରେ ଜେଏସି କ୍ରିକେଟ କ୍ଲବ ଇଞ୍ଜିନପୁର, ଯାଜପୁର


ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ରାଜନଗର, ୨୩।୧**
**(ଭାସ୍କର ରାଉତରାୟ)**

ମଦନପୁରଠାରେ ଚାଲିଥିବା ମହାବୀର ଚ୍ୟାଲେଞ୍ଜ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚରେ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ାକୁ ୩୫ ରନରେ ହରାଇ ଜେଏସି କ୍ରିକେଟ କ୍ଲବ ଇଞ୍ଜନପୁର, ଯାଜପୁର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଜେଏସ୍‌ସି ଇଞ୍ଜେନପୁର ଯାଜପୁର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିଥିଲା। ଦଳର ଦିବାକର କର ୨୨ ବଲରୁ ୭ଟି ଚଉକା ଓ ୪ଟି ଛକା ସହାୟତାରେ ୫୨ ରନ କରିଥିଲେ। ରୋହିତ ଚୌହ୍ୱାନ ୨୦ ବଲରେ ୫ ଚଉକା, ୪ ଛକା ସହାୟତାରେ ୫୩ ରନ ସଂଗ୍ରହ କରିଥିଲେ। ଜବାବରେ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ରନ କରି ପରାଜିତ ହୋଇଥିଲା। ଦଳର ଦୀପୁନ ମହାପାତ୍ର ୨୦ ବଲରୁ ୫ ଚଉକା ଓ ୨ ଛକା ସହାୟତାରେ ୩୫ ରନ ଏବଂ ଅଧିନାୟକ ସୁଧାଂଶୁ ପତି ୧୫ ବଲରେ ୪ ଛକା ସହାୟତାରେ ୩୧ ରନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଚକ୍ରଧର ଦ୍ୱିବେଦୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁ.କେ. ମହାବୀର ମହାବିଦ୍ୟାଳୟର ଅଧ୍ୟାପକ ପୁଷ୍ପକ ବେହେରା ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ଅମ୍ପାୟର ଭାବେ ତନୁଜ ସାହୁ, ନିରଞ୍ଜନ ଦାଶ, ସ୍କୋରର ଭାବେ ସୌମ୍ୟ ରଞ୍ଜନ ବେହୁରା, ପ୍ରଶାନ୍ତ ନାୟକ, ସୁବାସ ସାହୁ, ଭାଷ୍ୟକାର ଭାବେ ସୁଧୀର ବେହେରା, ରମାକାନ୍ତ ରାଉତ ଦାୟିତ୍ୱ ତୁଲାଉଥିଲେ। ମହାବୀର ଯୁବକ ସଂଘର ସଭାପତି ଆଶିଷ ରାଉଳ, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଯୋଦ୍ଧା, ପରାକ୍ରମ ଦିବସ


ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

**ମହାକାଳପଡ଼ା, ୨୩।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ):** ମହାକାଳପଡ଼ା ବ୍ଲକ୍ ପେଟଛେଲା ପଞ୍ଚାୟତ ବିବିକଲୋନି ସ୍ୱର୍ଗଦ୍ୱାର କୀର୍ତ୍ତନ ପଡ଼ିଆଠାରେ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ଯୋଦ୍ଧା ଓ ପରାକ୍ରମ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ନେତାଜୀ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ହୋଇଥିଲା। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନେତାଜୀ ଭାରତବାସୀଙ୍କୁ ଆହ୍ୱାନ ଦେଇଥିଲେ, ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି। ପରେ କେନ୍ଦ୍ରୀୟ ରେଡ୍‌କ୍ରସ୍ କେନ୍ଦ୍ର କଟକ ପକ୍ଷରୁ ପରିଚାଳକ ଦୀପକ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍‌ର ରକ୍ତଦାନ ଶିବିର ପରିଚାଳିତ ହୋଇଥିଲା। ଏଠାରେ ବିଧାୟକ ନାୟକ ପହଞ୍ଚି ଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସରୋଜକାନ୍ତ ସାହୁ, ପ୍ରଶାନ୍ତ ସେଠୀ, ତରୁଣକାନ୍ତ କାଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE PRINCIPAL**
**MUNICIPAL COLLEGE, ROURKELA**

No. 184/MCR Date: 22.01.2025

**NOTICE OF INVITATION**

The Principal of Municipal College, Rourkela hereby invites proposals from reputed eligible firms/manufacturers/authorized dealers/suppliers located within State of Odisha for supply of the following items under OHEPEE Grant at the College premies.

1. Moulded Chairs for Girl's Hostel Common Room.
2. Tables for Girl's Hostel Common Room.
3. Table for Physics, Botany, Zoology Labs.

The interested firms may visit the College website i.e. **https://www.municipalcollegerkl.com** and download the Request for Proposal (RfP) documents or visit the college office for detail information and submit their sealed proposal to the Principal by Speed Post/Registered Post as per the terms and conditions mentioned in the RfP documents, so as to reach the college office on or before 21.02.2025 (12.00 Noon). The authority reserves the right to extend, accept or reject any or all the proposal without assigning any reason thereof.

Sd./- Principal
Municipal College, Rourkela


# ମହାପୁରୁଷଙ୍କ ଇତିହାସ ପଢ଼ିଲେ ଜୀବନଚର୍ଯ୍ୟା ବଦଳିବ

**ରାଜନଗର, ୨୩।୧**
**(ଭାସ୍କର ରାଉତରାୟ)**

**ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ**


ନେତାଜୀ, ସାଏଙ୍କ ଜୟନ୍ତୀ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମର ଦୁଇ ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କୁ ରାଜନଗର ମାଟିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦୀର୍ଘ ୩ କିମି ଧରି ଦୁଇ ମହାପୁରୁଷ ଓ ଭାରତମାତାଙ୍କ ଫଟୋ ଚିତ୍ରକୁ ସୁସଜ୍ଜିତ ଖୋଲା ଜିପ୍‌ରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ମହିଳାଙ୍କ ଗହଣରେ ଶୋଭାଯାତ୍ରାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାଜନଗର ବଡଦାଣ୍ଡରୁ ବାହାରିଥିବା ଦୁଇ ମହାପୁରୁଷଙ୍କ ଶୋଭାଯାତ୍ରା ରାଜନଗର ଗାଁ ଓ ବଜାର ପରିକ୍ରମା କରି ଦେବୀମଣ୍ଡପ ଛକରେ ପହଞ୍ଚିଥିଲା। ଛାତ୍ରୀଛାତ୍ରମାନେ ହାତରେ ଜାତୀୟ ପତାକା ଓ ୨ଶହ ଫୁଟ ଲମ୍ବର ଜାତୀୟ ପତାକା ଧରି ଏହି ଦୁଇ ବୀରପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜନଗର ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ୨ ମହାପୁରୁଷଙ୍କ ବୀରତ୍ୱ ଓ ବଳିଦାନର ଗାଥାକୁ ମନେପକା ଯାଇଥିଲା।

ରାଜନଗର ଦେବୀମଣ୍ଡପ ଛକରେ ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ଅଧ୍ୟାପକ ସଞ୍ଜୟ କୁମାର ବାଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୨ ମହାପୁରୁଷଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଲେଖ ଧର୍ମର ସନ୍ଥ ସୁବ୍ରତ ବାବ, ରାଜନଗର ବିଧାୟକ ଧ୍ରୁବ ସାହୁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ପରିବେଶପ୍ରେମୀ ପ୍ରଦୀପ ନାୟକ ଓ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାସ ଯୋଗଦେଇ ସୁଭାଷ ଓ ସାଏ ଦେଶକୁ ସ୍ୱାଧୀନ ହେବା ପାଇଁ ଦେଇଥିବା ବଳିଦାନ ସମ୍ପର୍କରେ କହିବା ସହ ପିଲାମାନେ ଭଲ ମଣିଷ ହେବା ପାଇଁ ମହାପୁରୁଷଙ୍କ ଇତିହାସ ପଢ଼ି ଆଗକୁ ବଢ଼ିବାକୁ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ସୁରକ୍ଷା ମଞ୍ଚର ସଭାପତି ଦେବଦତ୍ତ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚର ସମ୍ପାଦକ ରାଘବେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଯବାନ, ରାଜନଗରର ଏମ୍‌ବିକେ ସୁପ୍ରଭା ରାଣୀ ଲେଙ୍କା, ଅଧ୍ୟାପିକା ଭଗବତୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟଦୁର୍ଗା ବଣିକ ସଂଘର ସଭାପତି ବାଇଧର ସେଠୀ, ପୂର୍ବତନ ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚର ପବିତ୍ର ସେଠୀ, ଜଗବନ୍ଧୁ ଖଟୁଆ, ତାପସ କୁମାର ପରିଡା, ଦିବ୍ୟଲୋଚନ ସାମନ୍ତରାୟ, ସୁକୁମାର ମାନ୍ନା, ବୀରତି ମଲ୍ଲିକ, ଚନ୍ଦନ ମଲ୍ଲିକ, ପଦ୍ମଲୋଚନ ପରିଡା, ଶୁଭଶ୍ରୀ ବାଗ, ଆକାଂକ୍ଷା ରାଉତ, ସଙ୍ଗୀତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**ODISHA HYDRO POWER CORPORATION LTD.**
OHPC
**O/o. Sr. GENERAL MANAGER**
**HIRAKUD HYDRO ELECTRIC PROJECT**
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/Tech-W-202/1/546 Date: 22.01.2025

**TENDER CALL NOTICE NO. HHEP-04/2025**

No. CAD-2263: Sealed tenders are invited on item rate contract basis in Double Cover System from the firm/agency/eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, ESI, GST, PAN etc. for the following work.

| Sl. No. | Description of work | Cost of tender Paper (Non-refundable) in Rs. | EMD in Rs. (in shape of DD/ BC) | Period of availability of tender at OHPC website | Last date & time of receipt of tender | Date & time of Opeing |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs.2360/- (Rs.2000/- + GST @ 18%) | 4850/- | 27.01.25 (11.00 A.M.) to 07.02.25 upto 03.00 P.M. | 07.02.25 upto 03.30 P.M. | 07.02.25 at 04.00 P.M. |

Further details of tender documents, terms & conditions, corrigendum etc. to the tender call notice, please visit our website www.ohpcltd.com.

OIPR-04007/11/0019/2425 Sd./- C&P Head, HHEP, Burla

## ସଂକ୍ଷେପରେ

### ଅସହାୟ ବ୍ୟକ୍ତି ଉଦ୍ଧାର

ପାଣିକୋଇଲି,୨୩।୧(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ୨୦ ନଂ. ଜାତୀୟ ରାଜପଥର ଓଉପଦା ଛକଠାରୁ ଜଣେ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ପଠାଯାଇଛି। ରାଜପଥ କଡରେ ୨ ଦିନ ହେବ ଜଣେ ବ୍ୟକ୍ତି ପଡିଥିବା ଓଉପଦା ଗ୍ରାମର ଉଦୟ ରାଉତ ପ୍ରାତଃ ଭ୍ରମଣ ସମୟରେ ଦେଖିବାକୁ ପାଇଥିଲେ। ବ୍ୟକ୍ତି ଜଣକ ଶୀତ କାକର ଖାଇ ସ୍ଥିର ଥିବାରୁ ସେ ଜିବୀତ କି ମୃତ ତାହା ଉଦୟ ଜାଣିପାରିନ ଥିଲେ। ଖବରପାଇ ଆମେ ଆପଣଙ୍କ ପାଇଁ ହେଲ୍ପିଂ ଗ୍ରୁପର ଉପଦେଷ୍ଟା ତଥା ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ସୁବାସ ଧଳ, ପ୍ରଦୀପ ମାଝୀ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ସେ କେନ୍ଦୁଝର ଜିଲା କନିକା ଅଞ୍ଚଳର ବୀର ସିଂହ ବୋଲି ପରିଚୟ ପାଇଥିଲେ। ବୀର ସିଂହ ହୋଟେଲରେ କାମ କରୁଥିଲେ। ଦେହ ଅସୁସ୍ଥ ଯୋଗୁ ହୋଟେଲ ମାଲିକ ତାଙ୍କୁ ବାହାର କରିଦେଇଥିଲେ। ଅସୁସ୍ଥତା ହେତୁ ସେ ପଡ଼ି ରହିଥିଲେ। ଖାଦ୍ୟ ଓ ପାନୀୟ ଦେବା ପରେ ସେ କଥା କହିବାକୁ ସକ୍ଷମ ହୋଇଥିଲେ।

### ଓଡ଼ିଶା ରଗ୍‌ବୀ ଦଳରେ ସୌମ୍ୟ, ଅଜୟ



ଦଶରଥପୁର,୨୩।୧ (ସୁଶାନ୍ତ କୁମାର ବେହୁରିଆ)

ଉତ୍ତରାଖଣ୍ଡରେ ଆୟୋଜିତ ହେଉଥିବା ୩୮ତମ ନ୍ୟାଶନାଲ ଗେମରେ ଭାଗ ନେବା ପାଇଁ ଓଡ଼ିଶା ରଗବୀ ଫୁଟବଲ ଦଳ ଘୋଷଣା ହୋଇଛି। ଏଥିରେ ଯାଜପୁର ଜିଲା ଦଶରଥପୁରର ସୌମ୍ୟରଞ୍ଜନ ସ୍ୱାଇଁ ଖେଳାଳିଭାବେ ଚୟନ ହୋଇଥିବା ବେଳେ ଦଶରଥପୁର ବ୍ଲକ ଛଞ୍ଚିଣା ଗ୍ରାମର ଅଜୟ କୁମାର ପ୍ରଧାନ ମ୍ୟାନେଜର ଭାବେ ଚୟନ ହୋଇଛନ୍ତି। ସୌମ୍ୟରଞ୍ଜନ ଓ ଅଜୟଙ୍କୁ ତାଙ୍କର ସଫଳତା ପାଇଁ ଜିଲା କ୍ରୀଡା ଅଧିକାରୀ ଫକୀରମୋହନ ଗୁଡ୍ଡୁ, ଜିଲା ରଗବୀ ଫୁଟବଲ ଆସୋସିଏଶନ ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ନେତାଜୀ ଜୟନ୍ତୀ

ରାଜକନିକା,୨୩।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ତରାସ ନେତାଜୀ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ପରିସରରୁ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ରାଜକନିକା ସହର ପରିକ୍ରମା କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରେ ତରାସ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ଲବ ପକ୍ଷରୁ ବକ୍ତୃତା, ସଙ୍ଗୀତ ଓ କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ଶିକ୍ଷକମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବଦଳୁଛି ଘରଚଟିଆଙ୍କ ବାସ ଠିକଣା

ମହାକାଳପଡ଼ା, ୨୩।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଜଳବାୟୁ ପରିବର୍ତ୍ତନ, ଅସନ୍ତୁଳିତ ପରିବେଶ, ପ୍ରାକୃତିକ ବିପର୍ଯ୍ୟୟ, ଜଙ୍ଗଲ ଅବକ୍ଷୟ ଓ ଜନବସତିରେ ଚାଳଛପର ଘର ପରିବର୍ତ୍ତେ ପକ୍କାଘର ନିର୍ମାଣ ସାଜିଛି କାଳ। ୧୯୯୯ ମହାବାତ୍ୟା ପୂର୍ବରୁ ଗାଁଗଣ୍ଡାଗୁଡ଼ିକରେ ଥିବା ଚାଳଛପର ଓଳି ମୂଳେ ଘର ଚଟିଆଙ୍କ ଘର ପାଲଟିଥିଲା। ଏହି ସେଠି ଘରେ ଡିମ୍ବ ଦେଇ ଛୁଆ ଫୁଟିବା ପର୍ଯ୍ୟନ୍ତ ନିଜକୁ ସୁରକ୍ଷିତ ଭାବେ ଜୀବନ ନିର୍ବାହ କରୁଥିଲେ। ବିପର୍ଯ୍ୟୟ ପାଇଁ ଘରଚଟିଆ ବଂଶ ହ୍ରାସ ପାଇବାରେ ଲାଗିଛି। ସମୟ ଥିଲା ଘରଚଟିଆ ଚାଳଛପର ଓଳି ମୂଳେ ବାସକଲେ ଶୁଭ ମନାଯାଏ ବୋଲି ବିଶ୍ୱାସ ରହିଛି। ଘରଚଟିଆଙ୍କ କିଚିରିମିଚିରି ଶବ୍ଦ ବେଶ୍ ମନକୁ ପ୍ରଫୁଲ୍ଲିତ କରିଥାଏ। ପ୍ରାକ୍ ବିପର୍ଯ୍ୟୟ ଢେର ଅଧିକ ପୂର୍ବରୁ ଏମାନେ ସଙ୍ଘ ବଦ୍ଧ ହୋଇ ନୀଳ ଆକାଶରେ ଚକ୍କର କାଟିଥାନ୍ତି। ଏବେ ପୂର୍ବଭଳି ଗାଁ ଗଣ୍ଡାରେ ଚାଳ ଛପର ପରିବର୍ତ୍ତେ ବହୁଳ ସଂଖ୍ୟାରେ ପକ୍କାଘର ନିର୍ମାଣ ହେବା ଦ୍ୱାରା ବଦଳିଯାଇଛି ଘରଚଟିଆଙ୍କ ବଞ୍ଚିବାର ଠିକଣା। ଏଭଳି ଅଭାବନୀୟ ପରିସ୍ଥିତିରେ ନିଜର ବଞ୍ଚିବାକୁ ସଂଗ୍ରାମ କରୁଥିବା ଘରଚଟିଆଟି ବାସସ୍ଥାନ ଅଭାବରୁ ବିପଦପୂର୍ଣ୍ଣ ସ୍ଥାନରେ କାଠିକୁଟା ସଂଗ୍ରହକରି ନିଡ଼ ତିଆରି କରିବାରେ ବ୍ୟସ୍ତ ଅଛି। କୁନି ପକ୍ଷୀଟି କାହିଁ ଜାଣିବ ଯେଉଁ ବସାରେ ବାସ ତିଆରି ପାଇଁ ବସା ବାନ୍ଧୁଛି ତାହା ଭବିଷ୍ୟତ ପାଇଁ ବିପଦ। ତଥାପି ନିଜର ଭବିଷ୍ୟତ ପାଇଁ ୨ ପକ୍ଷୀ ଯମ ଦୁଆରେ ବସା ତିଆରି କରିବାରେ ନିମଗ୍ନ ଅଛନ୍ତି। କେଉଁ ମୁହୂର୍ତ୍ତରେ ଚାଲିଯାଇପାରେ ଜୀବନ। ଏହାର ଏକ ଉଦାହରଣ ଦେଖିବାକୁ ମିଳୁଛି, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଗୋବରୀ ନଦୀ କୂଳ ମହାକାଳପଡ଼ା-ଅଳାଇଲୋ ମୁଖ୍ୟ ରାସ୍ତାର ହନୁମାନ ମନ୍ଦିର ସନ୍ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭିତରେ କୁଟାକାଠି ସଂଗ୍ରହକରି ଘରଚଟିଆ ବସା ତିଆରି କରିଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ପକ୍ଷୀପ୍ରେମୀ ତଥା ପରିବେଶବିତ୍ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ୯୦ ଦଶକ ପୂର୍ବରୁ ଆମ ଅଞ୍ଚଳର ଗାଁରେ ଚାଳଛପର ଘରେ ବହୁଳ ଭାବେ ଏମାନଙ୍କ ବସା ବାନ୍ଧିବା ଦେଖିବାକୁ ମିଳୁଥିଲା। ଏମାନଙ୍କ କିଚିରିମିଚିରି ଶବ୍ଦରେ ଆରମ୍ଭ ହେଉଥିଲା ସକାଳ। ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏମାନଙ୍କର ବେଶ୍ ଭୂମିକା ଥିଲା। ଏମାନଙ୍କର ମୁଖ୍ୟ ଖାଦ୍ୟ ଝିଣ୍ଟିକା, ପୋକ, ଜୋକ, ସୁଆଁ, ଧାନ ଚାଉଳ, ସୋରିଷ, ଚଣା ଆଦି ଖାଇଥାନ୍ତି। ଦୁର୍ବିପାକ, କଂକ୍ରିଟ ଜଙ୍ଗଲ ଓ କୃଷି କ୍ଷେତ୍ରରେ ବ୍ୟାପକ ପରିମାଣରେ ବ୍ୟବହାର ହେଉଥିବା କୀଟନାଶକ ପ୍ରୟୋଗ ଦ୍ୱାରା ଏମାନଙ୍କ ବଂଶ ଧୀରେ ଧୀରେ ଲୋପପାଇବାକୁ ବସିଛି। ସମୟ ଆସିବ ଏମାନଙ୍କର ବଂଶକୁ ସୁରକ୍ଷା ଦିଆ ନ ଗଲେ ଭବିଷ୍ୟତରେ ଏହାକୁ ଚିତ୍ରରେ ଦେଖିବା ସାର ହେବ ବୋଲି ସ୍ୱାଇଁ ମତ ପ୍ରକାଶ କରିଛନ୍ତି।



ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭିତରେ ବିପଦପୂର୍ଣ୍ଣ ଘରଚଟିଆ ବସା।

# ଅଭିଯୋଗକାରୀଙ୍କୁ ୧ଲକ୍ଷ ୪୦ ହଜାର ଟଙ୍କା ଦେବେ

ଯାଜପୁର ଟାଉନ,୨୩।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

**ହିରୋ ଫିନ୍ କ୍ରପ୍ ଲିଃ, ସୌମିକ ଅଟୋମୋବାଇଲକୁ ଜରିମାନା**

ହିରୋ ଫିନ୍ କ୍ରପ୍ ଲିଃ ଓ ସୌମିକ ଅଟୋମୋବାଇଲ୍‌କୁ ଜରିମାନା ହୋଇଛି। ଉଭୟ ମିଳିତ ଭାବେ ଅଭିଯୋଗକାରୀ ରଜେନ୍ଦ୍ର କୁମାର ପଣ୍ଡାଙ୍କୁ ୪୫ ଦିନ ଭିତରେ ୧ଲକ୍ଷ ୪୦ହଜାର ଟଙ୍କା ଜରିମାନା ଦେବେ। ଏଥିସହିତ ୮ହଜାର ଟଙ୍କା ମକୋଦ୍ଦମା ଖର୍ଚ୍ଚ ବାବଦକୁ ପ୍ରଦାନ କରିବା ପାଇଁ ଖାଉଟି ଅଦାଲତର ବିଚାରପତି ସୁସ୍ମିତା ମିଶ୍ର ଏବଂ ବିବେକାନନ୍ଦ ଦାଶ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ ମାର୍ଚ୍ଚ ୨୯ରେ ରାଜେନ୍ଦ୍ର ସୌମିକ ଅଟୋମୋବାଇଲରୁ ଏକ ହିରୋହୁଣ୍ଡା ସ୍ପ୍ଲେଣ୍ଡର ପ୍ଲସ୍ ଆଇ-୩ ଏସ୍ ମଡେଲ ସମ୍ପୂର୍ଣ୍ଣ ଅର୍ଥ ଦେଇ କିଣିଥିଲେ। ଗାଡ଼ିଟି ପ୍ରଥମେ ସୌମିକ ଜୁଏଲାର୍ସ ନାମରେ ପଞ୍ଜୀକୃତ ହୋଇଥିଲା। ମାତ୍ର ହିରୋ ଫିନ୍ କ୍ରପ୍ ଲିଃ ଓ ସୌମିକ ଅଟୋମୋବାଇଲ୍ ଜାଲିଆତି କରି ଏହି ଗାଡି ଉପରେ ଏକ ଲୋନ୍ ଦର୍ଶାଇଥିଲେ। ୨୦୨୨ରେ ଅଭିଯୋଗ କାରୀଙ୍କ ନିକଟକୁ ଲୋନ୍ ଅର୍ଥ ପରିଶୋଧ କରିବା ପାଇଁ ନୋଟିସ ପଠାଇଥିଲେ। ଏହି ନୋଟିସ୍ ପାଇବା ପରେ ଅଭିଯୋଗକାରୀ ହିରୋ ଫିନ୍ କ୍ରପ୍ ଲିଃ ଓ ସୌମିକ ଅଟୋମୋବାଇଲ୍ ବିରୋଧରେ ଜିଲା ଖାଉଟି ଅଦାଲତରେ ଏକ କେସ୍ ଦାଏର କରିଥିଲେ। ଯାହାର ନଂ.୬୦/୨୧ରୁ ହୋଇଥିଲା। ଖାଉଟି ଅଦାଲତର ବିଚାରପତି ଏହି ମାମଲାର ବିଚାର କରି ଜାନୁଆରୀ ୧ରେ ରାୟ ପ୍ରକାଶ କରିଥିଲେ। ମାମଲାକୁ ଆଇନଜୀବୀ ବିପ୍ଳବ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

# ସାହସୀ, ପରାକ୍ରମୀର ଜୀବନୀ ଥିଲା ନେତାଜୀଙ୍କର

ପଚାମୁଣ୍ଡାଇ, ୨୩।୧ (କଳ୍ପତରୁ ନାୟକ)

ପଚାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚିତ୍ତବିନୋଦନ ଗୃହରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ମଞ୍ଚର ବରିଷ୍ଠ ସଭ୍ୟ ଚତୁର୍ଭୁଜ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସୁଭାଷଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ କହିଥିଲେ, ନେତାଜୀଙ୍କ ପୂରା ଜୀବନ ସାହସ ଏବଂ ପରାକ୍ରମର କାହାଣୀ । ଦେଶକୁ ଇଂରେଜଙ୍କ କବଳରୁ ମୁକ୍ତ କରିବାକୁ ସେ ଏପରି ସ୍ଲୋଗାନ ଦେଇଥିଲେ ଯାହା ଭାରତୀୟଙ୍କ ହୃଦୟରେ ଜଳୁଥିବା ନିଆଁରେ ଘିଅ ଢାଳିବାର କାମ କରିଥିଲା। ତେଣୁ ପ୍ରତିବର୍ଷ ନେତାଜୀଙ୍କ ଜନ୍ମ ବାର୍ଷିକୀକୁ ପରାକ୍ରମ ଦିବସ ଭାବେ ଚିତ୍ତବିନୋଦନ ଗୃହରେ ପାଳନ କରାଯିବ। ଶିକ୍ଷାବିତ୍ ସ୍ୱାଇଁ ନେତାଜୀଙ୍କ 'ଆଜାଦ୍ ହିନ୍ଦ୍ ଫୌଜ୍' ବିଷୟରେ କହିଥିଲେ, ୧୯୪୨ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଭାରତକୁ ଇଂରେଜଙ୍କ କବଳରୁ ସ୍ୱତନ୍ତ୍ର କରିବାକୁ ରାସବିହାରୀ ବୋଷ ଜାପାନ ସହାୟତାରେ ବନ୍ଦୀ ହୋଇଥିବା ଭାରତୀୟ ସୈନ୍ୟଙ୍କୁ ନେଇ 'ଆଜାଦ୍ ହିନ୍ଦ୍ ଫୌଜ' ବା ଇଣ୍ଡିଆନ ନ୍ୟାଶନାଲ ଆର୍ମି ଗଠନ କରାଇଥିଲେ। ପରେ



ଚିତ୍ତବିନୋଦନ କେନ୍ଦ୍ରରେ ନେତାଜୀଙ୍କ ଜୟନ୍ତୀ ପାଳିତ।

**ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ଚିତ୍ତବିନୋଦନରେ ପାଳନ ହେବ**

ବର୍ମା ଏବଂ ମାଲେସିଆରେ ଥିବା ଭାରତୀୟ ସ୍ୱୟଂସେବକଙ୍କୁ ଦଳରେ ଭର୍ତ୍ତି କରାଯାଇ ଏକ ମଜଭୁତ ସେନା ପ୍ରସ୍ତୁତ କରାଯାଇଥିଲା। ସଙ୍ଗଠନକୁ ମଜଭୁତ କରିବାର ବର୍ଷକ ପରେ ୧୯୪୩ରେ ଆଜାଦ୍ ହିନ୍ଦ୍ ଫୌଜର ସମସ୍ତ ଦାୟିତ୍ୱ ସୁଭାଷ ବୋଷଙ୍କୁ ଦେଇଥିଲେ। ୧୯୪୩ ଅକ୍ଟୋବର ୨୧ରେ ନେତାଜୀ 'ଆଜାଦ୍ ହିନ୍ଦ୍ ଫୌଜ୍'ର ସର୍ବୋଚ୍ଚ ସେନାପତି ଭାବେ ସ୍ୱତନ୍ତ୍ର ଭାରତର ଅସ୍ଥାୟୀ ସରକାର ଗଠନ କରିଥିଲେ। ଯାହାକୁ ଜର୍ମାନୀ, ଜାପାନ, ଫିଲିପାଇନ୍ସ, କୋରିଆ, ଚାଇନା, ଇଟାଲୀ, ଆୟର୍ଲାଣ୍ଡ ଭଳି ୯ଟି ଦେଶର ମାନ୍ୟତା ମିଳିଥିଲା। ଏହା ପରେ ଜାପାନ ନିଜ ଅଧୀନରେ ଥିବା ଆଣ୍ଡାମାନ ନିକୋବର ଦ୍ୱୀପକୁ ଆଜାଦ୍ ହିନ୍ଦ୍ ସରକାରକୁ ପ୍ରଦାନ କରିଥିଲା। ଏହି ସରକାର ଆଣ୍ଡାମାନକୁ ଶହୀଦ ଓ ନିକୋବରକୁ ସ୍ୱରାଜ ଦ୍ୱୀପ ନାମିତ କରି ୩୦ ଡିସେମ୍ବର ୧୯୪୩ରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଭାରତର ପତାକା ଉତ୍ତୋଳନ କରିଥିଲେ। ସଭାରେ ସଭ୍ୟ ବିଜୟ ସାହୁ, ବିଜୟ ରାଉତ, ପ୍ରଦୀପ୍ତ ରଥ, କୈଳାସ ଚନ୍ଦ୍ର ପାତ୍ର, ଗୁଣଧର ସାମଲ, ତପନ ପାତ୍ରଙ୍କ ସମେତ ବହୁ ସଭ୍ୟ ଯୋଗଦେଇଥିଲେ।

# ବିରଜା ପଞ୍ଜିକାର ସମୀକ୍ଷା ବୈଠକ



ବୈଠକରେ ଯୋଗଦେଇଥିବା ପଣ୍ଡିତମାନେ।

ଯାଜପୁର ଟାଉନ,୨୩।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ବିଶୁଦ୍ଧ ବିରଜା ପଞ୍ଜିକାର ସମୀକ୍ଷା ବୈଠକ ସ୍ଥାନୀୟ ବରାହନାଥ ମନ୍ଦିରଠାରେ ଶ୍ରୀଶ୍ରୀ ବିରଜା ମଣ୍ଡଳ, ଗଣକ ମଣ୍ଡଳୀ ଓ ପଣ୍ଡିତ ସଭାର ସଭାପତି ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିରଜା ପଞ୍ଜିକାର ମୁଖ୍ୟ ଗଣନାକାର ପଣ୍ଡିତ ଗଦାଧର ମହାପାତ୍ର, ଜ୍ୟୋର୍ତିବିଦ୍ୟା ବାଚସ୍ପତି ଓ ତାଙ୍କ ପୁତ୍ର ଦ୍ୱୟ ଭାଗବତ ମହାପାତ୍ର, ଡ. ପ୍ରଭାତ କୁମାର ମହାପାତ୍ର, ପଣ୍ଡିତ ଭାସ୍କର ଚନ୍ଦ୍ର ଖଡିରତ୍ନଙ୍କ ଦ୍ୱାରା ସମ୍ପାଦିତ ଉକ୍ତ ପଞ୍ଜିକାକୁ ବହୁ ବରିଷ୍ଠ ଜ୍ୟୋର୍ତିବିଦ୍ ପଣ୍ଡିତମାନେ ଯୋଗଦେଇ ସମୀକ୍ଷା କରିଥିଲେ। ୨୦୨୫-୨୬ ବର୍ଷ ପାଇଁ ବୈଶାଖ ମାସଠାରୁ ଚୈତ୍ର ମାସ ପର୍ଯ୍ୟନ୍ତ ବିଭିନ୍ନ ପର୍ବପର୍ବାଣୀ, ଗ୍ରହଣ ପରାଗ ଓ ତିଥି ନକ୍ଷତ୍ର ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇ ଉକ୍ତ ପଞ୍ଜିକାକୁ ସର୍ବସମ୍ମତିକ୍ରମେ ନିର୍ଭୁଲ ଓ ତ୍ରୁଟିଶୂନ୍ୟ ଦର୍ଶାଇ ସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା।। ବୈଠକରେ ସମ୍ପାଦକ ନୃସିଂହ ମହାରଣ୍ୟ, ପଣ୍ଡିତ ବଟକୃଷ୍ଣ ନାୟକ, ଶିଶରି କୁମାର ମହାପାତ୍ର, ପଞ୍ଚାନନ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଶତ୍ରୁଘ୍ନ ନାୟକଙ୍କ ସମେତ ଶତାଧିକ ପଣ୍ଡିତ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTCSBPOT80, ତା.16.01.2025ରିଖ

କାର୍ଯ୍ୟର ନାମ: "ପୂର୍ବ ତଟ ରେଳପଥରର ଲେଭଲ୍ କ୍ରସିଂ JT-1 ଏବଂ JT-2 କୁ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ରୋଡ଼ ଠାରେ ପ୍ୟାନେଲ ପରିବର୍ତ୍ତନ କାର୍ଯ୍ୟ ଏବଂ ସରଲା - ଶାସନ, ଜରପଡ଼ା - ତାଳଚେର ରୋଡ଼ ସେକ୍ସନ, JSPL - ବଲରାମ ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟ ସମ୍ବନ୍ଧୀୟ ସିଗ୍ନାଲ ଏବଂ ଟେଲିକମ୍ ଇଂଫ୍ରିଜମେଂଟ କୁ ଦୂର କରିବା ପାଇଁ କେବୁଲ, ଲୋକେସନ ବକ୍ସ, ସିଗ୍ନାଲ ପୋଷ୍ଟ ଇତ୍ୟାଦି ସିଗ୍ନାଲ ଏବଂ ଟେଲିକମ୍ ଗିୟରର ପରିବର୍ତ୍ତନ।"

ଆନୁମାନିକ ମୂଲ୍ୟ : ₹1,42,68,655.00, EMD (₹): 2,21,400.00, ଇ-ଟେଣ୍ଡର ଶେଷ ହେବା ଅବଧି : 24(ଚବିଶ)ମାସ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ : ତା.07.02.2025 ରିଖ (1530 ଘଟିକା), ଇ-ଟେଣ୍ଡର ଖୋଲାଯିବା ତାରିଖ: ତା.07.02.2025 ରିଖ (1530 ଘଟିକା)।

ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ। ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର

PR-130/CH/24-25

# ଫାଇନାଲରେ ଜେଏସି କ୍ରିକେଟ କ୍ଲବ ଇଞ୍ଜିନପୁର, ଯାଜପୁର



ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ରାଜନଗର, ୨୩।୧ (ଭାସ୍କର ରାଉତରାୟ)

ମଦନପୁରଠାରେ ଚାଲିଥିବା ମହାବୀର ଚ୍ୟାଲେଞ୍ଜ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚରେ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ାକୁ ୩୫ ରନରେ ହରାଇ ଜେଏସି କ୍ରିକେଟ କ୍ଲବ ଇଞ୍ଜିନପୁର, ଯାଜପୁର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଜେଏସ୍‌ସି ଇଞ୍ଜୋନପୁର ଯାଜପୁର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିଥିଲା। ଦଳର ଦିବାକର କର ୨୨ ବଲରୁ ୭ଟି ଚଉକା ଓ ୪ଟି ଛକା ସହାୟତାରେ ୫୨ ରନ କରିଥିଲେ। ରୋହିତ ଚୌହାନ ୨୦ ବଲରେ ୫ ଚଉକା, ୪ ଛକା ସହାୟତାରେ ୫୩ ରନ ସଂଗ୍ରହ କରିଥିଲେ। ଜବାବରେ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ରନ କରି ପରାଜିତ ହୋଇଥିଲା। ଦଳର ଦୀପୁନ ମହାପାତ୍ର ୨୦ ବଲରୁ ୫ ଚଉକା ଓ ୨ ଛକା ସହାୟତାରେ ୩୫ ରନ ଏବଂ ଅଧିନାୟକ ସୁଧାଂଶୁ ପତି ୧୫ ବଲରେ ୪ ଛକା ସହାୟତାରେ ୩୧ ରନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଚକ୍ରଧର ଦ୍ୱିବେଦୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁ.କେ. ମହାବୀର ମହାବିଦ୍ୟାଳୟର ଅଧ୍ୟାପକ ପୁଷ୍ପକ ବେହେରା ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ଅମ୍ପାୟର ଭାବେ ତନୁଜ ସାହୁ, ନିରଞ୍ଜନ ଦାଶ, ସ୍କୋରର ଭାବେ ସୌମ୍ୟ ରଞ୍ଜନ ବେହୁରା, ପ୍ରଶାନ୍ତ ନାୟକ, ସୁବାସ ସାହୁ, ଭାଷ୍ୟକାର ଭାବେ ସୁଧୀର ବେହେରା, ରମାକାନ୍ତ ରାଉତ ଦାୟିତ୍ୱ ତୁଲାଉଥିଲେ। ମହାବୀର ଯୁବକ ସଂଘର ସଭାପତି ଆଶିଷ ରାଉଳ, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଯୋଗ ପ୍ରଚାର ସମିତି ପକ୍ଷରୁ ନେତାଜୀ ଜୟନ୍ତୀ



ଯାଜପୁର ସଦର,୨୩।୧ (ସମର ବିଜୟ ଶରଣ)

ଯାଜପୁର ଯୋଗ ପ୍ରଚାର ସମିତି ପକ୍ଷରୁ ବିଚିତ୍ରପୁର ପଞ୍ଚାୟତ ବୁଢ଼ି ଖଣ୍ଟେଇଠାରେ ଏକ ବଣ ଭୋଜିର ଆୟୋଜନ କରାଯିବା ସହିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୋଗଗୁରୁ ମନ୍ମଥ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଗୋପୀନାଥ ସେଠୀ, ସରୋଜ କୁମାର ଜେନା, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସତ୍ୟବ୍ରତ ମହାନ୍ତି, ଦେବେନ୍ଦ୍ର ପତି, ସନ୍ତୋଷ କୁମାର ନନ୍ଦ, ଦେବେନ୍ଦ୍ର ସେଠୀ, ଅକ୍ଷୟ କୁମାର ଦାସ, ଶ୍ରୀନିବାସ ସାହୁ, ବିଶ୍ୱପ୍ରକାଶ ସାମନ୍ତ, କିରଣ କୁମାର ମଲିକ, ଚିତ୍ତରଞ୍ଜନ ସାମନ୍ତରାୟ, ହୃଷୀକେଶ ନାଥ, କାମପାଳ ବେଦୀ, ମଧୁସ୍ମିତା ରଥ, ଇଂ. ଶିବଚରଣ ବଳ, ଗୋବିନ୍ଦ ଚନ୍ଦ୍ର ସାହୁ, ଅନନ୍ତ କୁମାର ମହାରଣା, ନିସିତ୍ କୁମାର ଦାସ, ପ୍ରସନ୍ତ କୁମାର ରାଉତରାୟ, ଚନ୍ଦ୍ରମଣି ନାୟକ ପ୍ରମୁଖ ଯୋଗଦେଇ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଲମ୍ବୋଧର ସାହୁ ଏହି ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଅନନ୍ତ କୁମାର ମହାରଣା ଦେଶଭକ୍ତି ସଂଗୀତ ଗାନ କରିଥିଲେ।

**OFFICE OF THE PRINCIPAL**

**MUNICIPAL COLLEGE, ROURKELA**

No. 184/MCR Date: 22.01.2025

**NOTICE OF INVITATION**

The Principal of Municipal College, Rourkela hereby invites proposals from reputed eligible firms/manufacturers/authorized dealers/suppliers located within State of Odisha for supply of the following items under OHEPEE Grant at the College premies.

1. Moulded Chairs for Girl's Hostel Common Room.
2. Tables for Girl's Hostel Common Room.
3. Table for Physics, Botany, Zoology Labs.

The interested firms may visit the College website i.e. **https://www.municipalcollegerkl.com** and download the Request for Proposal (RfP) documents or visit the college office for detail information and submit their sealed proposal to the Principal by Speed Post/Registered Post as per the terms and conditions mentioned in the RfP documents, so as to reach the college office on or before 21.02.2025 (12.00 Noon). The authority reserves the right to extend, accept or reject any or all the proposal without assigning any reason thereof.

**Sd./- Principal**
**Municipal College, Rourkela**

**ODISHA HYDRO POWER CORPORATION LTD.**

OHPC

**O/o. Sr. GENERAL MANAGER**
**HIRAKUD HYDRO ELECTRIC PROJECT**

POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/Tech-W-202/1/546 Date: 22.01.2025

**TENDER CALL NOTICE NO. HHEP-04/2025**

No. CAD-2263: Sealed tenders are invited on item rate contract basis in Double Cover System from the firm/agency/eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, ESI, GST, PAN etc. for the following work.

| Sl. No. | Description of work | Cost of tender Paper (Non-refundable) in Rs. | EMD in Rs. (in shape of DD/ BC) | Period of availability of tender at OHPC website | Last date & time of receipt of tender | Date & time of Opeing |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs.2360/- (Rs.2000/- + GST @ 18%) | 4850/- | 27.01.25 (11.00 A.M.) to 07.02.25 upto 03.00 P.M. | 07.02.25 upto 03.30 P.M. | 07.02.25 at 04.00 P.M. |

Further details of tender documents, terms & conditions, corrigendum etc. to the tender call notice, please visit our website **www.ohpcltd.com**.

OIPR-04007/11/0019/2425 Sd./- C&P Head, HHEP, Burla

# ମହାପୁରୁଷଙ୍କ ଇତିହାସ ପଢ଼ିଲେ ଜୀବନଚର୍ଯ୍ୟା ବଦଳିବ

ରାଜନଗର, ୨୩।୧ (ଭାସ୍କର ରାଉତରାୟ)

ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମର ଦୁଇ ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କୁ ରାଜନଗର ମାଟିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦୀର୍ଘ ୩ କିମି ଧରି ଦୁଇ ମହାପୁରୁଷ ଓ ଭାରତମାତାଙ୍କ ଫଟୋ

**ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ**

ଚିତ୍ରକୁ ସୁସଜ୍ଜିତ ଖୋଲା ଜିପ୍‌ରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ମହିଳାଙ୍କ ଗହଣରେ ଶୋଭାଯାତ୍ରାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାଜନଗର ବଡଦାଣ୍ଡରୁ ବାହାରିଥିବା ଦୁଇ ମହାପୁରୁଷଙ୍କ ଶୋଭାଯାତ୍ରା ରାଜନଗର ଗାଁ ଓ ବଜାର ପରିକ୍ରମା କରି ଦେବୀମଣ୍ଡପ ଛକରେ ପହଞ୍ଚିଥିଲା। ଛାତ୍ରୀଛାତ୍ରମାନେ ହାତରେ ଜାତୀୟ ପତାକା ଓ ୨ଶହ ଫୁଟ ଲମ୍ବର ଜାତୀୟ ପତାକା ଧରି ଏହି ଦୁଇ ବୀରପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜନଗର ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ୨ ମହାପୁରୁଷଙ୍କ ବୀରତ୍ୱ ଓ ବଳିଦାନର ଗାଥାକୁ ମନେପକା ଯାଇଥିଲା।

ରାଜନଗର ଦେବୀମଣ୍ଡପ ଛକରେ ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ଅଧ୍ୟାପକ ସଞ୍ଜୟ କୁମାର ବାଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୨ ମହାପୁରୁଷଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଲେଖ ଧର୍ମର ସନ୍ଥ ସୁବ୍ରତ ବାବ, ରାଜନଗର ବିଧାୟକ ଧ୍ରୁବ ସାହୁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ପରିବେଶପ୍ରେମୀ ପ୍ରଦୀପ ନାୟକ ଓ ପଚାମୁଣ୍ଡାଇ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାସ ଯୋଗଦେଇ ସୁଭାଷ ଓ ସାଏ ଦେଶକୁ ସ୍ୱାଧୀନ ହେବା ପାଇଁ ଦେଇଥିବା ବଳିଦାନ ସମ୍ପର୍କରେ କହିବା ସହ ପିଲାମାନେ ଭଲ ମଣିଷ ହେବା ପାଇଁ ମହାପୁରୁଷଙ୍କ ଇତିହାସ ପଢ଼ି ଆଗକୁ ବଢ଼ିବାକୁ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ସୁରକ୍ଷା ମଞ୍ଚର ସଭାପତି ଦେବଦତ୍ତ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚର ସମ୍ପାଦକ ରାଘବେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଯବାନ, ରାଜନଗରର ଏମ୍‌ବିକେ ସୁପ୍ରଭା ରାଣୀ ଲେଙ୍କା, ଅଧ୍ୟାପିକା ଭଗବତୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟଦୁର୍ଗା ବଣିକ ସଂଘର ସଭାପତି ବାଇଧର ସେଠୀ, ପୂର୍ବତନ ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚର ପବିତ୍ର ସେଠୀ, ଜଗବନ୍ଧୁ ଖଟୁଆ, ତାପସ କୁମାର ପରିଡ଼ା, ଦିବ୍ୟଲୋଚନ ସାମନ୍ତରାୟ, ସୁକୁମାର ମାନ୍ନା, ବୀରତି ମଳିକ, ଚନ୍ଦନ ମଳିକ, ପଦ୍ମଲୋଚନ ପରିଡ଼ା, ଶୁଭଶ୍ରୀ ବାଗ, ଆକାଂକ୍ଷା ରାଉତ, ସଙ୍ଗୀତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନେତାଜୀ, ସାଏଙ୍କ ଜୟନ୍ତୀ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

